ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.242 Bhubaneswar Sunday November 05 2023 | ୨୬ତମ ବର୍ଷ ସଂଖ୍ୟା-୨୪୨ ଭୁବନେଶ୍ୱର, ରବିବାର, ନଭେମ୍ବର ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସନ୍ଧ୍ୟାରେ ଗାଁ ଦାଣ୍ଡରେ ଖେଳୁଥିଲା ନାବାଳକ, ଝାମ୍ପି ନେଲା ବାଘ



ଭୁବନେଶ୍ୱର,୪।୧୧(ପି.ଏନ):ସନ୍ଧ୍ୟା ପ୍ରାୟ ୬ଟା ହେବ। ଧୀରେ ଧୀରେ ସଞ୍ଜ ନଇଁ ଆସୁଥିଲା। ସାଙ୍ଗମାନଙ୍କ ସହ ଖେଳୁଥିଲା ନୀଳକଣ୍ଠ। ଠିକ୍ ସେହି ସମୟରେ ଝାମ୍ପି ନେଲା କଲରାପତରିଆ ବାଘ। ଆଜି ସନ୍ଧ୍ୟା ବେଳେ ଏପରି ହୃଦୟବିଦାରକ ଘଟଣା ନୂଆପଡା ସଦର ରେଞ୍ଜ ଧରମବନ୍ଧା ସେକସନ୍‌ରେ ଘଟିଛି। ଗତକାଲି ମଧ ସେହି ବାଘ ଜଣେ ମହିଳାଙ୍କୁ ଖାଇଯାଇଥିଲା। ବାଘକୁ ନେଇ ଗାଁରେ ଭୟର ବାତାବରଣ ଖେଳି ଯାଇଛି। କୋଦପାଲି ଗାଁ ଦାଣ୍ଡରେ ଛୋଟ ଛୋଟ ପିଲାମାନେ ଖେଳୁଥିଲେ। ମୌଜ ମଜ୍‌ଲିସ୍ କରୁଥିଲେ। ହସ୍ ଖୁସିରେ ମାତିଥିଲେ। ହଠାତ୍ ପିଲାମାନଙ୍କ ଉପରକୁ ଲମ୍ଫ ମାରିଲା କଲରାପତରିଆ ବାଘ। ଆଉ ଝାମ୍ପିନେଲା ବଲକରାମ ବରିହାଙ୍କ ୮ ବର୍ଷର ପୁଅ ନୀଳକଣ୍ଠକୁ। ବାଘଟି ନୀଳକଣ୍ଠକୁ ମୁହଁରେ କାମୁଡି ଧରି ଦ୍ରୁତ ଗତିରେ ଧାଇଁ ପଳାଇ ଯାଉଥିଲା।

## ମତଦାନର ତିନିଦିନ ପୂର୍ବରୁ ଛତିଶଗଡ଼ରେ ବିଜେପି ନେତାଙ୍କୁ ହତ୍ୟା କଲେ ମାଓବାଦୀ

ରାୟପୁର,୪।୧୧(ପି.ଏନ): ଛତିଶଗଡରେ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନର ତିନି ଦିନ ପୂର୍ବରୁ ମାଓବାଦୀମାନେ ପ୍ରଚାର କରୁଥିବା ଜଣେ ବରିଷ୍ଠ ବିଜେପି ନେତାଙ୍କୁ ହତ୍ୟା କରିଛନ୍ତି। ମାଓବାଦୀ ହତ୍ୟା କରିଥିବା ବିଜେପି ନେତାଙ୍କ ନାମ ରତନ ଦୁବେ ହୋଇଥିବା ବେଳେ ସେ ବିଜେପିର ନାରାୟଣପୁର ଜିଲ୍ଲା ୟୁନିଟର ଉପାଧକ୍ଷ ଥିଲେ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି ଘଟଣା ନାରାୟଣପୁରର କୌଶଳନଗର ବଜାରରେ ଘଟିଛି, ଯେଉଁଠାରେ ପ୍ରଚାର ସମୟରେ ୩ରୁ ୪ ଜଣ ନକ୍ସଲ କୁରାଢ଼ୀରେ ଆକ୍ରମଣ କରି ବିଜେପି ନେତାଙ୍କୁ ହତ୍ୟା କରିଛନ୍ତି। କୁହାଯାଉଛି ଯେ ରତନ ଦୁବେ ଛତିଶଗଡ ନିର୍ବାଚନ ପାଇଁ ପ୍ରଚାର କରୁଥିଲେ। ଏହି ସମୟ ମଧ୍ୟରେ ନକ୍ସଲମାନେ ତାଙ୍କୁ ଟାର୍ଗେଟ କରିଥିଲେ। ବର୍ତ୍ତମାନ ପୁଲିସ ଏହି ଘଟଣାର ତଦନ୍ତ କରୁଛି। ଉଲ୍ଲେଖ ଥାଉ କି ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ୭ ଏବଂ ୧୭ ନଭେମ୍ବରରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

## କ୍ଲାସ୍‌ରେ ଚିତ୍କାର କରୁଛନ୍ତି ଛାତ୍ରୀ; ଦାନ୍ତ କଡମଡ କରି ଘୁଷୁରି ଘୁଷୁରି ବୁଢ଼ା ବର ଗଛ ମୂଳକୁ ଯାଉଛନ୍ତି



ଭଦ୍ରକ,୪।୧୧(ପି.ଏନ): କ୍ଲାସ୍‌ରେ ଚିତ୍କାର କରୁଛନ୍ତି ଛାତ୍ରୀ। ଜଣେ କି ଦୁଇ ଜଣ ନୁହେଁ, ଏକାଧିକ ଛାତ୍ରୀ ଚିତ୍କାର କରୁଛନ୍ତି। ଦାନ୍ତ କଡମଡ କରି ଘୁଷୁରି ଘୁଷୁରି ସ୍କୁଲ କ୍ୟାମ୍ପସରେ ଥିବା ବୁଢା ବର ଗଛ ମୂଳକୁ ଯାଉଛନ୍ତି। ଗତ ଅକ୍ଟୋବର ମାସରୁ ଏପରି ଚିତ୍ର ଦେଖିବାକୁ ମିଳୁଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଢୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ହେଲେ ପ୍ରଶାସନ ଚୁପ୍ ବସିଛି। ଗାଁ ଲୋକେ ଗୁଣିଆ ଡାକି ଝଡାଫୁଙ୍କା କରୁଥିବା ଦେଖିବାକୁ ମିଳିଛି।ଅଢୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି। ୪୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଅକ୍ଟୋବରରୁ ସ୍କୁଲରେ ବିଚିତ୍ର ଚିତ୍ର ଦେଖିବାକୁ ମିଳୁଛି। ଷଷ୍ଠ ଶ୍ରେଣୀରେ ପଢୁଥିବା କେତେକ ଛାତ୍ରୀ କ୍ଲାସ୍ ଚାଲିଥିବା ବେଳେ ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରୁଛନ୍ତି। ଜୋରରେ ରଡି କରୁଛନ୍ତି, ପରେ ଦାନ୍ତ କଡମଡ ଓ ଆଖି କଟମଟ କରି ଚିତ୍କାର କରୁଛନ୍ତି। ତା’ପରେ ଘୁଷୁରି ଘୁଷୁରି ସ୍କୁଲ କ୍ୟାମ୍ପସ ଭିତରେ ଥିବା ବୁଢ଼ା ବରଗଛ ମୂଳକକୁ ଯାଉଥିଲେ। କିଛି ସମୟ ଧରି ଗଛର ଡାଳକୁ ଅନାଇ ସଂଜ୍ଞାହୀନ ଅବସ୍ଥାରେ ସେଠାରେ ଚିତ୍‌ପଟାଙ୍ଗ ହୋଇ ପଡି ଯାଉଛନ୍ତି। ତା’ପରେ ଅଭିଭାବକମାନେ ସେମାନଙ୍କୁ ଧରି ଘରକୁ ପଳାଇ ଆସୁଛନ୍ତି।

## ଆଇପିଏସ୍ ସ୍ତରରେ ଅଦଳବଦଳ : ମୟୂରଭଂଜରୁ ବଦଳିଲେ ବାତୁଲା ଗଙ୍ଗାଧର, ଏସ୍ ସୁଶ୍ରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୪।୧୧(ପି.ଏନ): ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଶନିବାର ଛୋଟ ଅଦଳବଦଳ କରିଛନ୍ତି। ତିନି ଜଣ ଆଇପିଏସ୍ କ୍ୟାଡର ଅଧିକାରୀଙ୍କ ଦାୟିତ୍ୱରେ ଅଦଳବଦଳ କରିଛନ୍ତି। ଏହି କ୍ରମରେ ୨୦୧୧ ବ୍ୟାଚ୍‌ର ଆଇପିଏସ୍ ତଥା ମୟୂରଭଞ୍ଜ ଏସପି ବି.ଗଙ୍ଗାଧରଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ୨୦୧୮ ବ୍ୟାଚ୍ ଆଇପିଏସ୍ ତଥା ନବରଙ୍ଗପୁର ଏସପି ଏସ୍ ସୁଶ୍ରୀଙ୍କୁ ମୟୂରଭଞ୍ଜରେ ଅବସ୍ଥାପିତ କରାଯାଇଛି। କନ୍ଧମାଳ ଜିଲ୍ଲା ବାଲିଗୁଡାରେ ଏସ୍‌ଡିପିଓ ରୋହିତ ବର୍ମାଙ୍କୁ ନବରଙ୍ଗପୁର ଏସପି ଭାବେ ନୂଆ ନିଯୁକ୍ତି ମିଳିଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି।

ସୂଚନାଯୋଗ୍ୟ, ଗତ ମେ’ ମାସ ୧୮ ତାରିଖରେ ରାଜ୍ୟ ସରକାର ତତ୍କାଳୀନ ସମ୍ବଲପୁର ଏସ୍‌ପିଙ୍କ ସମେତ ୧୮ ଜଣ ଆଇପିଏସ୍‌ଙ୍କୁ ବଦଳି କରିଥିଲେ। ଏହି କ୍ରମରେ ଶ୍ରୀ ଗଙ୍ଗାଧରଙ୍କୁ ମୟୂରଭଂଜରେ ଅବସ୍ଥାପିତ କରାଯାଇଥିଲା। ଏହା ପୂର୍ବରୁ ସମ୍ବଲପୁରରେ ବଡଧରଣର ସାଂପ୍ରଦାୟିକ ଉତ୍ତେଜନା ଭଳି ଘଟଣା ପରେ ଏସପି ବାତୁଲା ଗଙ୍ଗାଧରଙ୍କ ଉପରେ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହାକୁ ସମସ୍ତେ ଅପେକ୍ଷା କରିଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଫୁଁ: ରତ୍ନଭଣ୍ଡାରରେ ଲେଜର ସ୍କାନିଂ ପାଇଁ ଅନୁମତି ଦେଇ ଖସିବାକୁ ବାହାନା କଲେ ସରକାର

ନୂଆଦିଲ୍ଲୀ,୪।୧୧(ପି.ଏନ) : ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସରକାର ଓ ମନ୍ଦିର ପ୍ରଶାସନ ଫୁଁ’ କରି ଉଡାଇ ଦେଲେ । ଆଉ ହାଇକୋର୍ଟ ଅବମାନନାରୁ ବର୍ତ୍ତିବା ପାଇଁ ରତ୍ନଭଣ୍ଡାରର ଲେଜର ସ୍କାନିଂ କରିବାର ଗଳା ବାଟ ବାହାର କରିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ)କୁ ରତ୍ନଭଣ୍ଡାରର ଲେଜର ସ୍କାନିଂ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମତି ଦେଇଛନ୍ତି । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରତ୍ନଭଣ୍ଡାରର ସ୍ଥିତି ନିରୀକ୍ଷଣ ଓ ଅଳଙ୍କାରର ଗଣନା ପାଇଁ କମିଟି ଗଠନ ନକରି ଶ୍ରୀମନ୍ଦିର ପରିଚାଳନା କମିଟି ଏହି ଗଳାବାଟ କାହିଁକି ବାହାର କରିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ଲେଜର ସ୍କାନିଂ ମାଧ୍ୟମରେ କ’ଣ ରତ୍ନଭଣ୍ଡାର ଭିତରେ ଥିବା ଅଳଙ୍କାରର ଗଣନା ସମ୍ଭବପର ହୋଇପାରିବ କି ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । କୋଟି କୋଟି



ଶ୍ରୀଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଖେଳୁଛନ୍ତି ଓ ରତ୍ନଭଣ୍ଡାର ଖୋଲିବାରେ ସରକାର କାହିଁକି ପଛଘୁଂଚା ଦେଉଛନ୍ତି ତାହା ଏବେ ସବୁଠୁ ବଡ ପ୍ରଶ୍ନ ହୋଇଛି ।ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ପୁରୀରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ରତ୍ନଭଣ୍ଡାରର ଲେଜର ସ୍କାନିଂ ପାଇଁ ଏଏସଆଇ ପୂର୍ବରୁ ଅନୁମତି ମାଗିଥିଲା । ଶନିବାର ବୈଠକରେ ଏହି ପ୍ରସ୍ତାବର ବିଭିନ୍ନ ଦିଗ ଉପରେ ଆଲୋଚନା କରାଗଲା । ଏସଆଇକୁ ରତ୍ନଭଣ୍ଡାରର ଲେଜର ସ୍କାନିଂ ପାଇଁ ଅନୁମତି ଦେବାକୁ ନିଷ୍ପତ୍ତି ହୋଇଛି । ଏବେ ଯେହେତୁ କାର୍ତ୍ତିକ ମାସ ଚାଲିଛି ତେଣୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ରହୁଛି । ତେଣୁ ଏଏସଆଇ ଏବେ ନିଜ କାମ ଠିକ ଭାବେ କରିପାରିବ ନାହିଁ । ଏହି ଲେଜର ସ୍କାନିଂ କେବେ ଆରମ୍ଭ ହେବ ସେ ନେଇ ଏଏସଆଇକୁ ପରେ ଅବଗତ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି ।

## ସାମ୍ବାଦିକାଙ୍କୁ ମାଡ଼ ମାମଲାରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଟୁଟୁ ନାୟକ

ଭୁବନେଶ୍ୱର,୪।୧୧(ପି.ଏନ): ଏକ ଓଡିଆ ଖବର ଚ୍ୟାନେଲ୍‌ର ଜଣେ କାର୍ଯ୍ୟରତ ସାମ୍ବାଦିକା ଦେବସ୍ମିତାଙ୍କୁ ଶୁକ୍ରବାର ମାଡ଼ମାରିବା ମାମଲାରେ ଶନିବାର ଦିନ ଫିଲ୍ମ ପ୍ରଯୋଜକ ସଂଜୟ ନାୟକ (ଟୁଟୁ)ଙ୍କୁ ଜେଲ ଯିବାକୁ ପଡିଛି। ଭୁବନେଶ୍ୱର ଏସ୍‌ଜିଏମ୍ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ଟୁଟୁ ନାୟକ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଏହି ସମୟ ମଧ୍ୟରେ ସେ ଝାରପଡା ଜେଲରେ ରହିବେ। ଏହି ମାମଲାରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆସନ୍ତା ୬ ତାରିଖ ଦିନ ପୁନଃ ଶୁଣାଣି ହେବ। ସରକାରୀ ଓକିଲ ଏହି ସୂଚନା ଦେଇଛନ୍ତି।ପ୍ରଯୋଜକ ଟୁଟୁ ନାୟକଙ୍କୁ କମିସନରେଟ୍ ପୁଲିସ ଆଜି ଗିରଫ କରିଥିଲା। ଗିରଫ ପୂର୍ବରୁ ଖାରବେଳ ନଗର ଥାନା ପୁଲିସ ଟୁଟୁ ନାୟକଙ୍କୁ ତାଙ୍କର ଭୁବନେଶ୍ୱର ଘରୁ ଉଠାଇ ଆଣି ଦୀର୍ଘ ସମୟ ପର୍ଯ୍ୟନ୍ତ ପଚରାଉଚରା କରିଥିଲା। ପରେ ଅଭିଯୁକ୍ତ ଶ୍ରୀ ନାୟକଙ୍କୁ କୋର୍ଟରେ ହାଜର କରିଥିଲା।ଗତକାଲି ଖବର ସଂଗ୍ରହ ସମୟରେ ସାମ୍ବାଦିକା ଦେବସ୍ମିତା ରାଉତଙ୍କୁ ଚାପୁଡା ମାରିବା ଓ ଦୁର୍ବ୍ୟବହାର କରିବା ଭଳି ସଂଗିନ ଅଭିଯୋଗ ଆସିବା ପରେ ପୁଲିସ ଟୁଟୁ ନାୟକଙ୍କ ବିରୋଧରେ ପୁଲିସ କେସ୍ ? ନଂ-୫୫୩ରେ ଦଫା ୩୪୧, ୩୨୩, ୩୫୪ ଓ ୨୯୪ରେ ମାମଲା ରୁଜୁ କରିଥିଲା।ଅଭିଯୋଗରେ ଦର୍ଶାଯାଇଛି ଯେ, ଅପରାହ୍ଣ ପାଖାପାଖି ୧୨.୩୦ ସମୟରେ ଦେବସ୍ମିତା ଓ ଅନ୍ୟ କିଛି ସାମ୍ବାଦିକ ଖବର ସଂଗ୍ରହ ପାଇଁ ଖାରବେଳନଗରସ୍ଥିତ ସ୍ୱାତୀ ସିନେମା ହଲ୍‌କୁ ଯାଇଥିଲେ। ସେମାନେ ଗେଟ୍ ସମ୍ମୁଖରେ ଅପେକ୍ଷା କରିଥିବା ବେଳେ ଟୁଟୁ ହଲ୍ ?ରୁ ବାହାରି ସେମାନଙ୍କ ନିକଟକୁ ଆସିଥିଲେ।

## ୨୧ରୁ ବିଧାନସଭାର ୩୦ଦିନିଆ ଶୀତ ଅଧିବେଶନ



ଭୁବନେଶ୍ୱର,୪।୧୧(ପି.ଏନ): ବିଧାନସଭାର ଶୀତ ଅଧିବେଶନ ଚଳିତମାସ ୨୧ ତାରିଖରୁ ଆରମ୍ଭ ହେବ । ଏହି ଅଧିବେଶନରେ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ଶନିବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।ସୂଚନା ଅନୁସାରେ, ବିଧାନସଭାର ଶୀତ ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି । ଏଥିରେ ୨୪ଟି ସରକାରୀ କାର୍ଯ୍ୟଦିବସ ଓ ୬ଟି ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ପାଇଁ ଉଦ୍ଦିଷ୍ଟ ଅଛି । ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲରେ ସାଧାରଣ ନିର୍ବାଚନ ଥିବାରୁ ଏହି ଶୀତ ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ । ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ରେ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖରେ ଶେଷ ହୋଇଥିଲା । ତେବେ ନିର୍ବାଚନ ଥିବାରୁ ଶୀତ ଅଧିବେଶନରେ ୩୦ଦିନ ଗୃହ ଚାଲିବାର ସମ୍ଭାବନା କ୍ଷୀଣ ।

## ବ୍ରହ୍ମଗିରି ଥାନା ଅଚଂଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ



ପୁରୀ,୪।୧୧(ପି.ଏନ):ସାତପଡା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବ୍ରହ୍ମଗିରି ଥାନା ଅଧୀନ ତୋରଣ,ନରସିଂହ ପାଟଣା ଏବଂ ରେବେଣା ନୂଆଗାଁରେ ଚଢାଉ କରାଯାଇଛି। ଚଢାଉ ବେଳେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫୪ଲିଟର ଦେଶୀ ମଦ ଏବଂ ୪କିଲୋ ଭାଙ୍ଗ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତୋରଣର ନିଶିକାନ୍ତ ପଣ୍ଡା,ନରସିଂହପାଟଣାର ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ରେବଣୋ ନୂଆଗାଁର ସୁରେନ୍ଦ୍ର ଷଣ୍ଢ ବୋଲି ସୂଚନା ମିଳିଛି। ସୂଚନା ମୁତାବକ,ପୁରୀ ଅବକାରୀ ଅଧିକ୍ଷକ ଜଗଦିଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ସାତପଡା ଅବକାରୀ ଥାନା ଅଧୀକାରୀ ରଙ୍କନିଧି ମଲ୍ଲିକ୍‌ଙ୍କ ନେତୃତ୍ୱରେ ଶୁକ୍ରବାର ବିଶ୍ୱସ୍ତ ସୂତ୍ରରୁ ଖବା ପାଇ ଚଢାଉ କରାଯାଇଛି। ଚଢାଉ ବେଳେ ଅବକାରୀ କର୍ମଚାରୀମାନେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ମାଡି ବସିବାରେ ସକ୍ଷମ ହୋଇଛନ୍ତି। ଅବକାରୀ କର୍ମଚାରୀମାନେ ଅଭିଯୁକ୍ତଙ୍କ ନିକଟରୁ ସାକ୍ଷୀଙ୍କ ଉପସ୍ଥିତିରେ ୫୪ଲିଯର ଦେଶୀ ମଦ ଓ ୫କିଲୋ ଭାଙ୍ଗ ଜବତ କରିଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତ ୩ଜଣଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଓଡିଶା ଅବକାରୀ ଆଇନ ୨୦୦୮ ଅନୁଯାୟୀ ୧୧୧/୨୩,୧୧୨/୨୩ ଏବଂ ୧୧୩/୨୩ରେ ୩ଗୋଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଗ୍ରାମ ବିକାଶ କ୍ଷେତ୍ରରେ ନବୀନ ଓଡିଶା ହେବ ସାରା ଭାରତବର୍ଷ ପାଇଁ ପଥ ପ୍ରଦର୍ଶକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୧(ପି.ଏନ): ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ୱକାଂକ୍ଷୀ ଯୋଜନା ‘ଆମ ଓଡିଶା ନବୀନ ଓଡିଶା’ ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ? ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଆଜି ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ୧୦ମ ଦିନରେ ମୟୂରଭଞ୍ଜ, ସମ୍ବଲପୁର ଓ ମାଲକାନଗିରି ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା । ମୟୂରଭଞ୍ଜ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୯୦.୫୦ କୋଟି ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା- ଯଶିପୁର, କରଞ୍ଜିଆ, ସାରସକଣା ଓ ରାଇରଙ୍ଗପୁର। ଏହିସବୁ ନିର୍ବାଚନ ମଣ୍ଡଳୀର ୧୩ଟି ବ୍ଲକ୍‌ର ୧୮୧ଟି ଗ୍ରାମ ପଞ୍ଚାୟତରେ ୨୪୨୭ଟି ପ୍ରକଳ୍ପ ହେବ। ସେହିପରି ସମ୍ବଲପୁର ଜିଲ୍ଲାର ୩ଟି ନିର୍ବାଚନମଣ୍ଡଳୀ ପାଇଁ ୬୯ କୋଟି ଟଙ୍କା ମଂଜୁର ହୋଇଛି। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା- ରେଢାଖୋଲ, ରେଙ୍ଗାଲି ଓ କୁଚିଣ୍ଡା। ଏଥିରେ ୯ଟି ବ୍ଲକ୍ ?ର ୧୩୮ଟି ଗ୍ରାମପଞ୍ଚାୟତରେ ୧୮୦୧ଟି ପ୍ରକଳ୍ପ କରାଯିବ। ସେହିପରି ମାଲକାନଗିରି ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀକୁ ମିଳିଛି ୫୫.୫୦ କୋଟି ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା- ଚିତ୍ରକୋଣ୍ଡା ଓ ମାଲକାନଗିରି। ଏହିସବୁ ନିର୍ବାଚନମଣ୍ଡଳୀର ୭ଟି ବ୍ଲକ୍ ? ?ର ୧୧୧ଟି ଗ୍ରାମ ପଞ୍ଚାୟତରେ ୧୪୩୦ଟି ପ୍ରକଳ୍ପ ହେବ। ଆଜିର କାର୍ଯ୍ୟକ୍ରମ ପାଇଁ ମୟୁରଭଞ୍ଜ ଜିଲ୍ଲାର ୪ଟି, ସମ୍ବଲପୁର ଜିଲ୍ଲାର ୩ଟି ଓ ମାଲକାନଗିରି ଜିଲ୍ଲାର ୨ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ‘ଆମ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ଭିତରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ଓଡିଶାର ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି। ଏହି ଅବସରରେ ଉଦ୍ ?ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡିକୁ ବିକାଶର ଶିଖରରେ ପହଞ୍ଚାଇବ। ‘ଆମ ଓଡିଶା ନବୀନ ଓଡିଶା’ କାର୍ଯ୍ୟକ୍ରମ ଗ୍ରାମବିକାଶ କ୍ଷେତ୍ରରେ ସାରା ଭାରତବର୍ଷପାଇଁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଲେ ଯେ ଆମର ସୁଦୃଢ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍ ?ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତା’ର ଡେଣାକୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଞ୍ଚିବ ଏବଂ ଆମେ ଗଢିବା ନୂଆ ଓଡିଶା ନବୀନ ଓଡିଶା। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି । ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ। ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି । ବିଶ୍ୱ ପ୍ରେମ, ଶାନ୍ତି, ସଦ୍ ?ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ଶ୍ରୀ ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ସମସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆଗକୁ ବଢିବାର ବାଟ ଖୋଲିଛନ୍ତି। ସମସ୍ତଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଏହା ହେଉଛି ୫ମ ପାଳି। ଏଥିରେ ସେ ମା’ମାନଙ୍କ ପାଇଁ ୫ଟି ଉପହାର ଦେଇଛନ୍ତି। ୫ ଟଙ୍କାରେ ଆହାର, ୫ ଟଙ୍କାରେ ଲକ୍ଷ୍ମୀ ବସ, ମମତାରେ ୫ ହଜାର ଟଙ୍କା, ମିଶନ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ, ମା’ ମାନଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କା ଦିଆଯାଉଛି ବୋଲି କହିଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗରରେ ମାସବ୍ୟାପୀ ‘କ୍ୱାଲିଟି ମାସ’ ଉତ୍ସବ ଆରମ୍ଭ

ଦାନଗଦି,୪।୧୧(ପି ଏନ୍ ) :‘ଗୁଣବତା’ କେବଳ କୌଣସି ଉତ୍ପାଦ, ପ୍ରକ୍ରିୟା କିମ୍ବା ବ୍ୟବସ୍ଥାରେ ସୀମିତ ନୁହେଁ ବରଂ ପ୍ରତ୍ୟେକ କାର୍ଯ୍ୟରେ ପ୍ରଦର୍ଶିତ ହେଉଥିବା ବିଶ୍ୱାସକୁ ଦୃଢ଼ କରିବା ପାଇଁ ଯାଜପୁର ଜିଲ୍ଲା ଡୁବୁରି ନିକଟସ୍ଥ ଟାଟା ଷ୍ଟିଲ୍ ? କଳିଙ୍ଗ ନଗରଠାରେ ମାସବ୍ୟାପୀ ‘କ୍ୱାଲିଟି ମାସ’ ଉତ୍ସବ ଉଦ୍ ?ଘାଟିତ ହୋଇଯାଇଛି ।ଏହି ଅବସରରେ ଟାଟା ଷ୍ଟିଲ୍ ? କଳିଙ୍ଗନଗର(ଟିଏସ୍ ?)ର ଉପାଧ୍ୟକ୍ଷ (ଅପରେସନ) ରାଜୀବ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିଏସ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କର୍ମଚାରୀମାନଙ୍କୁ ସମ୍ବୋଧିତ କରି ରାଜୀବ କୁମାର ସିଧାସଳଖ କାର୍ଯ୍ୟସ୍ଥଳୀରେ ସମୀକ୍ଷା ବା ‘ଗେମ୍ବା’ ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିବା ସହ ଗୁଣାତ୍ମକ ମାସ କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ଅଂଶଗ୍ରହଣ ପାଇଁ ଅନୁରୋଧ କରିଥିଲେ ।ଟାଟା ଷ୍ଟିଲ୍ ?ର କ୍ୱାଲିଟି



ଏକ୍ସଲେନ୍ସର ଚମତ୍କାର ଅଭିବୃଦ୍ଧି ଯାତ୍ରା ପ୍ରତ୍ୟେକ ସ୍ତରରେ କର୍ମଚାରୀଙ୍କ ସମ୍ପୃକ୍ତି ସଂସ୍କୃତିର ଏକ ମଜଭୁତ ଭିତ୍ତିଭୂମି ଉପରେ ନିର୍ମିତ ହୋଇଛି । ଏକାଧିକ ଡିଜିଟାଲ ପଦକ୍ଷେପର ଅଟୋମେସନ୍ ଏବଂ କାର୍ଯ୍ୟକାରିତା ଶପ୍-ଫ୍ଲୋର ସ୍ତରରେ ମଧ୍ୟ କାର୍ଯ୍ୟର ଦକ୍ଷତା ବୃଦ୍ଧି କରିଛି ।ଏହି ଦିଗଉପରେ ଅଧିକ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଗୁଣାତ୍ମକ ମାସର ବିଷୟବସ୍ତୁ ‘ଗେମ୍ବା କେନ୍ଦ୍ରିତ ଉତ୍କର୍ଷତା’ କୁ ଚୟନକରାଯାଇଛି । ଏହା ପରିଚାଳକ ଏବଂ ନେତୃବୃନ୍ଦମାନଙ୍କୁ ପ୍ରକୃତ କାର୍ଯ୍ୟ ପ୍ରକ୍ରିୟାକୁ ନିରୀକ୍ଷଣ କରିବା, କର୍ମଚାରୀ । ଚୁକ୍ତିଭିତିକ କର୍ମଚାରୀଙ୍କ ସହ ଜଡିତ ହେବା, କାର୍ଯ୍ୟ ପ୍ରକ୍ରିୟା ବିଷୟରେ ଜ୍ଞାନ ହାସଲ କରିବା ଏବଂ ଆମର ଉତ୍କର୍ଷ ଯାତ୍ରାକୁ ଆଗକୁ ବଢ଼ାଇବା ସହିତ ନିରନ୍ତର ଉନ୍ନତି ପାଇଁ ସୁଯୋଗ ଖୋଜିବାକୁ ଉତ୍ସାହିତ କରେ । ଗୁଣାତ୍ମକ ମାସ ପାଳନର ଏକ ଅଂଶ ଭାବରେ, କୁଇଜ, ପରାମର୍ଶ ମେଳା, କୁସ-ଲର୍ଗିଂ ଭ୍ରମଣ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଇତ୍ୟାଦି ଭଳି ଗେମ୍ବା ବିଷୟବସ୍ତୁ ଉପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା କରାଯାଇଛି ।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିସ୍ପର୍ଶ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିସ୍ପର୍ଶ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।



# କୁମ୍ଭୀର



ବିପ୍ଳବ

କୌଣସି ଦ୍ରୁତଗାମୀ ଗାଡ଼ିର ବିକୃତ ହର୍ଣ୍ଣରେ ଗୋପାଳର ଛାଇ ନିଦ ଭାଙ୍ଗିଗଲା। ଅବଶ୍ୟ ଶୋଇବା ପରି ଉପଯୁକ୍ତ ଜାଗାଟିଏ ତାକୁ ମିଳି ନଥିଲା। ମିଳିଥିବା ସ୍ଥାନଟି ଆରାମରେ ବସିବା ପାଇଁ ବି ଅନୁପଯୁକ୍ତ ଥିଲା। ଗୋଡ଼ ବି ଭଲରେ ଲମ୍ବେଇବା ପାଇଁ ଯଥେଷ୍ଟ ସ୍ଥାନାଭାବ ଥିଲା। ଏଭଳି ପରିସ୍ଥିତିରେ ଆରାମ ଦାୟକ ନିଦର ପରିକଳ୍ପନା ଏକ ଅବାସ୍ତବ ଭାବନା। ସେ ଠୁଙ୍କା ହୋଇ ବସିଥିଲା କହିଲେ କଥାଟିକୁ ଠିକ୍ ନ୍ୟାୟ ମିଳିବ ବୋଧେ ! ଏଭଳି ପରିସ୍ଥିତିରେ ସେ କେମିତି ବା ବେଧଡକ ଶୋଇ ପାରିବ ? ଢୁଳେଇବା କଥା। ଅତଏବ ଗୋପାଳ ଢୁଳେଇବାରୁ ଉଠି ଆଖି ମଳିଲା ଆଉ ନିଦକୁ ସାମାନ୍ୟ ବିରାମ ଦେଇ ବାହାରକୁ ଚାହିଁଲା। ଡୋର୍ ର ଘଷରା କାଚ୍ ଦେଇ ବାହାରର ଦୃଶ୍ୟସବୁ ଅସ୍ପଷ୍ଟ ଦିଶୁଥିଲା।ମୁହଁକୁ ସାମାନ୍ୟ ଡାହାଣକୁ ବୁଲାଇ ଆଗକୁ ଲକ୍ଷ୍ୟ କଲା। ରାସ୍ତାଗୁଡିକରେ ଜନ ଗହଳି ଦିଶୁ ନଥିଲେ ବି ନିର୍ଜୀବ ଯାନ ଗୁଡିକ ଭୟଙ୍କର ଶବ୍ଦ କରି ପରସ୍ପରକୁ ଟପି ଯାଉଥାନ୍ତି।ପ୍ୟାଣ୍ଟ ପକେଟରୁ କି-ପ୍ୟାଡ୍ ଫୋନ୍ ଟି ବାହାରକରି ସମୟ ଦେଖିଲା। ରାତି ଗୋଟାଏ ପନ୍ଦର । ଏଇଟା କୋଉ ଜାଗା କେଜାଣି ? ମନକୁ ମନ ପ୍ରଶ୍ନ କଲା ।

ପାଖରେ ଢୁଳଉଥିବା କଣ୍ଡକ୍ଟର ଯେମିତି ସର୍ବଜ୍ଞ ପରି ତା ମନକଥା ଶୁଣି ପାରିଲା।

- ଭାଇ, ଜାମଶୋଳା ପାସ୍ କଲା। ଶୋଇପଡ, ଆହୁରି ବହୁତ ରାତି ଅଛି। ବହୁତ ବାଟ ବି ଅଛି।

ଗୋପାଳ କିଛି ପ୍ରତ୍ୟୁତ୍ତର ଦେଲାନି ।ରାତି ଜାଙ୍ଗୁଲ ଜାଙ୍ଗୁଲ ହେଇଥିବ ସେ ଚଣ୍ଡିଖୋଲ ଛକରେ ପହଂଚି ଯାଏଁ। ସେଇଠୁଁ ଗାଁ ଘଣ୍ଟାକର ବାଟ। ପାହାନ୍ତାରୁ ଗାଡ଼ି ମଟର ନହେଲେ ଅଟୋ ମିଳିଲେ ସକାଳୁ ସକାଳୁ ଘରେ । ଭାବନାରେ ପୂର୍ଣ୍ଣଚ୍ଛେଦ ପକେଇଲା ଗୋପାଳ ।

ବାମ ପଟକୁ ସାମାନ୍ୟ ବୁଲି ଗୋଡ଼ ଲମ୍ବେଇବାକୁ ଚେଷ୍ଟା କଲା। ସାମାନ୍ୟ ସଫଳ ହେଲା। ଡ୍ରାଇଭର ପାଖ ସିଟ୍ ସେତେ ଆରାମ ଦାୟକ ନୁହେଁ। ସେଥିପାଇଁ ତାକୁ ଭଲ ନିଦ ହେଉନି। ବସ୍ ବାଲାର କିଛି ଦୋଷ ନାହିଁ। ସେ ତ ସଫା ସଫା ମନା କରି ଦେଉଥିଲା ।ମାଲିକ ପଇସା ଦେବାରେ ବିଳମ୍ବ କଲା ଆଉ ସେ ବାବୁଘାଟରେ ପହଂଚିବା ବେଳକୁ ଅଧିକାଂଶ ବସ୍ ର ସିଟ୍ ନଥିଲା। ଇଆଡେ ଦୁର୍ଗାପୂଜା ପାଖେଇ ଆସୁଥିବାରୁ ବସ୍ ଗୁଡ଼ିକ ଜାମ ରହୁଚି। କଣ୍ଡକ୍ଟର ଏଇ ଗୋଟିଏ ସିଟ୍ ଫାଙ୍କା ଅଛି କହି ତା' ଦୋଷ ଛଡ଼ ?ଇ ଦେଇଛି। କେତେ ସମୟ ଚକାମାଣ୍ଡୁ ପକେଇ ବସିବ ? ଆଗକୁ ଗୋଡ଼ ଲମ୍ବେଇ ବସିବାକୁ ସୁବିଧା ନାହିଁ। ବାଁ ପଟ ପ୍ରବେଶ ଦ୍ୱାର ପାଖରେ ତଳେ କଣ୍ଡକ୍ଟର ଘୁମଉଛି। ସିଟ୍ ରୁ ଓହ୍ଲେଇ ଟିକେ ସମୟ ଅଣ୍ଟା ସଳଖି ପୁଣି ନିଜ ସିଟ୍ କୁ ଫେରିଗଲା।

କୋଉ ନିଦ ଆସୁଛି ? ପାଖାପାଖି ଦୁଇ ବର୍ଷ ପରେ ମାଲିକ ଛୁଟି ଦେଇଛି। ମନ ଉଚ୍ଛନ୍ନ ହେଉଚି ।ଘରେ ପକ୍ଷାଘାତ ପୀଡ଼ିତ ବାପା, ଅଣ୍ଟା ଭାଙ୍ଗି ଯାଇଥିବା ମା, ଛୋଟ ଝିଅ ଆଉ ସ୍ତ୍ରୀ ରାଧିକୁ ନେଇ ତା'ର ସଂସାର।

- କ'ଣ କରୁଥିବ ରାଧି ? ସାରା ଦିନ ଝିଅର ଅଳି ଅଝଟ, ବାପା ବୋଉଙ୍କର ଗୁହମୁତ ସଫାକରି ହାଲିଆହୋଇ ଶୋଇ ପଡ଼ିଥିବ ନିଶ୍ଚ ? !

ଗୋପାଳ ମନ ସମ୍ଭଳା ପଇଲାନି।

ରାଧିକୁ ଫୋନ୍ ଲଗେଇଲା। ରିଙ୍ଗ ହେଲାକି ନାଇଁ କେଜାଣି ! ସେପଟୁ ଶୁଭିଲା ରାଧିର ମିଠା ସ୍ୱର। - କ'ଣ ପହଞ୍ଚି ଗଲଣି କି ?

ହୋ ହୋ ହସିଲା ଗୋପାଳ। ତା ଠୋ ଠୋ ହସରେ ବସ୍ ରକୌଣସିଯାତ୍ରୀ ବିରକ୍ତହୋଇପ୍ରତିବାଦକରିବା ଆଗରୁ ନିଜକୁ ସମ୍ଭାଳି ନେଲା ସେ । ବସ୍ ଭିତରର ଡିମ୍ ଆଲୁଅରେ ସମସ୍ତଙ୍କ ମୁହଁଆଡ଼ ? ଦୃଷ୍ଟି ପହଁରେଇ ଆଣିଲା। ନା.. କେହି ଶୁଣି ନାହାନ୍ତି ତା ହସ।

- ଦୂର୍ ପାଗଳୀ। ରାତି ଅଧ ହେଇଛି ପା। ତୁ ଶୋଇନୁ କି ?

- କେମିତି ଶୋଇବି ଯେ ? ଦେଖୁନ ଦି ଦିନ ହେବ ଏ ନିଆଁଲଗା ବର୍ଷାଟା ରାତିକୁ ଆସୁଚି। ଜାଣିଛ ମାଙ୍କଡ଼ ଡେଇଁ ଜରିପାଲ କଣାକରି ଦେଇଛି। ଉପରୁ ପାଣି ଗଳୁଛି। ଘର ସନ୍ତେଇବ କି ନାଇଁ ? ବେଲା ତାଟିଆ ସବୁ ଥୋଉଥିଲି ତମ ଫୋନ୍ ଆସିଲା ।

ଗୋପାଳ ସାମାନ୍ୟ ହସିଲା।

- ତୁ ବ୍ୟସ୍ତ ହ ନି। ଏଇଥର ବାବୁଙ୍କୁ ନେହୁରାହୋଇ ପନ୍ଦର ଦିନ ଛୁଟି ଆଣିଚି। ଗଲେ ସବୁ ସଜଡା ସଜଡି କରିଦେବି। ହଉ ନହେଲେ ତୁ ଶୋଇପଡ।

- ମୁଁ ଦିନ ବେଳା ଶୋଇଚି ମ। ସେଥିପାଇଁ ନିଦ ହେଉନି ।ଜାଣିଛ ଆଉ ଗୋଟେ କଥା ? ଆର ଗାଁ ପଧାନପଡାର କୋଉ କୁମର ମାଇପକୁ ଅଣ୍ଟାଏ ପାଣିରୁ କୁମ୍ଭୀର ନେଇ ଯାଇଛି। ଆମେ ସବୁ ଡରି ଡରି ନଈକୁ ଯାଉଛୁ। ମାଇକରେ ପ୍ରଚାର ହେଇଚି ନ ଯିବାକୁ। ହେଲେ କଣ କରିବି, ଗୁହ ମୁତ ଲୁଗା କା କୂଅ ମୂଳେ ସଫା କରିବି ? କିଏ ଛେକେରେ ନେକେରେ ହବ, ମୋତେ ଭଲ ଲାଗିବନି। କା ଟାଣୁଆ କଥା ମୁଁ ସହି ପାରିବିନି।

ରାଧି କଥା ଶୁଣି ଗୋପାଳ ଶଙ୍କି ଗଲା।

- ଶୁଣ୍ଣ, ତୁ ଆଉ ନଈକୁ ଯା'ନି।

- ଆଉ ! କଂସା ତାଟିଆ, ଲୁଗା ପଟା କୋଉଠି ହକାଳିବି ? ତମେ ତ ଯାଇଛ ଯେ ଯାଇଛ, ବିଶି ପଞ୍ଜୁରୀରେ ବସି ଯାଇଛ। ଘରେ ଏକୁଟିଆ ମାଇପି ଲୋକ ମୁଁ କେତେ ଦହଗଞ୍ଜ ହେଉଚି ? ଘର ଦି ବର୍ଷ ହେବ ଛୁଆଁଣି ହେଇନି,ନଳ କୂଅ କଥା ପଚାରେ କିଏ ? ହଁ ନଳକୂଅ କ'ଣ ହେବ, ଆମକୁ ତ ଇନ୍ଦ୍ର ଦେବତା ବେଳ କାଳ ଉଣ୍ଡି ପାଣି ଦେଉଛନ୍ତି।

ରାଧି ଶେଷ ପଦକ ହସି ହସି କହିଲା।

- ହଉ ଶୁଣ ମୋ କଥାକୁ ଗଣ୍ଠି କରିବନି, ସେମିତି କହିଦେଲି ନା। ବସ୍ ରୁ ଓହ୍ଲେଇ ଖବର କରିବ, ମୁଁ ବିରି ଚାଉଳ ପାହାନ୍ତିଆ ବତୁରେଇ ଦେବି। ଆସିଲେ ଗରମ ଗରମ ସରୁ ଚକୁଳି କରିଦେବି ଖାଇବ। ଯାଇଁଲ, ତମ ବୋଉ ଦିନ ସାରା ଖାଲି ପଚାରୁଛନ୍ତି ସକାଳ ହେଲା କି ନାଇଁ, ମୋ ଗୋପ ଆସିଲା କି ନାଇଁ ?

ଏ ମା. ତମ ନାଁ ଧରି ପକେଇଲି। ଜିଭ କାମୁଡି ଦେଲା ରାଧି।

ଗୋପାଳ ହସିଲା।

- ହଉ ଶୋଇପଡ଼। ଶୁଣୁ ଗାଧୋଇ ଏକା ଯିବୁନି।

- ନାଇଁ ବା। ଚମ୍ପେଇ ନାନୀ, ନଗିଆ ବୋଉ ଖୁଡ଼ୀ , ଧ୍ରୁବ ଭାରିଜା ସବୁ ମିଶି ଯାଉଛୁ ପା।

ରାଧିର ନଳକୂଅ କଥା ତାକୁ ଭାରି ବାଧିଲା। ତା'ର ବା ଆୟ କେତେ ? ଘର ଟିକକ ଦି ବର୍ଷ ହେବ ଛାଣି କରି ପାରୁନି। ବାଉଁଶ, ବତା କି ନଡ଼ା କି ଛାଉଣିଆ କେହି ଆଉ ମିଳୁ ନାହାନ୍ତି। ପକ୍କା ଘରକୁ ତା'ର ବଳ ନାଇଁ। ଭୋଟ ବେଳେ ଗାଁକୁ ଯାଇ ପାରୁନି ବୋଲି ତାକୁ ଘରଟିଏ କରେଇ ଦେଉ ନାହାନ୍ତି। ନଳକୂଅ ତା ପାଇଁ ସାତ ସପନ। ତା'ର ବା ଯୋଗ୍ୟତା କ'ଣ ? ମାଟ୍ରିକ୍ ଫେଲ୍। ସେଇଥିରେ ବଙ୍ଗାଳୀ ମାଲିକ ଦୟା ପରବଶ ହେଇ ତାକୁ ରଖିଚି। ଖାଇ ପିଇ ମାସକୁ ଆଠ ହଜାର। ସେଥିରେ ଘରର ଯାବତୀୟ ବୋଲ ହାକ ଶୁଣିବାକୁ ପଡ଼ ? । ରୋଷେଇ ଠୁଁ ବାବୁଆଣୀ ଲୁଗା ପଟା ସଫା ଯାଏଁ। ଏ ସବୁ ଭାବିଲେ ବହୁତ କଷ୍ଟ ହୁଏ। ବାପାଙ୍କ ଆକଟ ମନେ ପଡ଼ ?। ପାଠ ନପଢ଼ିବାର ସଜା ଏବେ କଡାଗଣ୍ଡା କରି ସମୟ ତା ଠୁଁ ଆଦାୟ କରୁଛି ଯେମିତି ! ଭଲ ପାଠ ପଢିଥିଲେ ଆଜି ହୁଏ ତ ତା ଭାଗ୍ୟରେ ଏ ସବୁ କର୍ମ ନଥାନ୍ତା।

ଭାବନା ଭିତରେ ନିଦ ହୋଇ ଯାଇଛି । କଣ୍ଡକ୍ଟର ହଲେଇଲା ଗୋପାଳକୁ।

-ଭାଇ, ଉଠ। ଚଣ୍ଡିଖୋଲ ହେଲା।

ଆଖି ମଳି ଉଠିଲା ଗୋପାଳ। ବ୍ୟାଗ ଦୁଇଟି ଧରି ତଳକୁ ଓହ୍ଲେଇଲା। ରାତି ସରି ନଥିଲେ ବି ଛକଟି ଆଲୋକିତ ଥିଲା ଆଉ ଗହଳି ବି। ରାସ୍ତା ଠୁଁ ଅଳ୍ପ ଦୂରରେ ଥିବା କ୍ୟାବିନରୁ ଖଇନି ପକେଟଟିଏ କିଣିଲା। ତାକୁ ଚିରି ପାଟିରେ ଧାପେ ପକେଇଲା।

- ଆରେ ଗୋପାଳ

କିଏ ଜଣେ ପଛରୁ ତା କାନ୍ଧରେ ହାତ ଥୋଇଲା ।

- ଚିହ୍ନି ପାରୁନୁ ? ମୁଁ ପଶେଇ, ଆରେ ପ୍ରଶାନ୍ତ ଦାସ, ସାଙ୍ଗକୁ ଭୁଲି ଗଲୁ ? ହଁ ତୁ ବାବୁ ହେଇଗଲୁ କଲିକତାରେ ରହି ଆମେ ତ ଅଟୋ ଡ୍ରାଇଭର, କାଇଁ ଚିହ୍ନିବୁ ?

ଗୋପାଳ ସାମାନ୍ୟ ହସିଲା।

-ହଁ ଚିହ୍ନିଲି, ହେଲେ ତୁ ଏଠି ଏ ଅନ୍ଧାରେ ?

- ଭଡା ଆସିଥିଲି, ଗାଁ କୁ ଫେରିବୁ କି ? ବସ ।ମୁଁ ମୁଁ ଖାଲି ଯାଉଛି, କଥା ବାର୍ତ୍ତା ହେଇ ପଳେଇବା, ବାଟ ସରିଯିବ ଜଲଦି।

ଗୋପାଳ ବ୍ୟାଗ ଦୁଇଟି ଅଟୋ ପଛ ରେ ରଖି ନିଜେ ବସିଲା।

- ସାଙ୍ଗ ରହ ।ମୁଁ ଟିକେ ଘରକୁ ଫୋନ୍ କରିଦିଏ।

ଦୁଇଥର ରିଙ୍ଗ ହେଲା। କେହି ଉଠେଇଲେ ନାହିଁ। ବୋଧେ ଜଲଦି ନଈକୁ ପଳେଇଚି। ଆସିଲେ ବଳେ ଫୋନ କରିବ।

-ହଉ ଚାଲ୍ ସାଙ୍ଗ। ସିଏ ଫୋନ୍ ଧରୁନି।

ଦୁଇ ସାଙ୍ଗ ବହେ ଖୁସି ଗପ ହେଲେ।

- ଆରେ ନଈରେ କଣ କୁମ୍ଭୀର ଆସିଛି ମୁଁ ଶୁଣିଲି।

- ହଁ ପା, ତମ ଗାଁ ପାଖ ପଧାନପଡାର ଗୋଟେ ବୁଢ଼ୀକୁ ଦୁଇ ଦିନ ତଳେ ଭିଡି ନେଇଛି। ଅଗ୍ନିଶମ ବାହିନୀ ଡେରିରେ ଆସି କେବଳ ତା'ର ଗୋଡ଼ ଦୁଇଟି ଉଦ୍ଧାର କଲା।

ପଶେଇ ଉତ୍ତର ରଖିଲା।

- ଭାବୁଛି ଏଥର ଘର ସଜଡା କାମ ପଛରେ କରି ଆଗ ନଳକୂଅଟେ କରିବି, ତୋର ସେମିତି କେହି ଚିହ୍ନା ଅଛନ୍ତି କି ବୋର ୱେଲ ବାଲା ଯିଏ ଟିକେ ଶସ୍ତା ଆଉ ସୁବିଧାରେ କରିଦେବ ? ମୁଁ ତ ଗାଁ ରେ ରହୁନି।

- ଇଏ ଗୋଟେ କଥା ? ବ୍ୟସ୍ତ ହନି। ଦିନେ ଦୁଇ ଭିତରେ ବୁଝି କହିବି, ଘର ସଜଡ଼ା କାମ କଣ ? ତୁ କ'ଣ ନୂଆ ଘର ପାଇନୁ କି ?

- ନା ମ। ସେଇ ବାପାଙ୍କ ଅମଳ ଝାଟି ମାଟି ଘର। ମୁଁ ଭୋଟ ଦେଇ ପାରୁନି ବୋଲି ପଡିଆ, ଆମ ସରପଞ୍ଚ ମ.. ଆମ ଘର କାଟିଦେଲା ପା।

- ତା କଥା କହନି, ସେ ବି କୁମ୍ଭୀର ଠୁଁ ବେଶୀ ମାରାତ୍ମକ। ସବୁ ଖାଇଗଲାରେ ଏଥର, ଦୁଇ ଥର ହାରି ଥିଲା। ଏଥର ଦୟାକରି ଲୋକେ ଦେଇଥିଲେ ଯେ ପାଞ୍ଚ ଆଙ୍ଗୁଠି ପାଟିରେ ଦେଇଦେଲା। କଥା ବାର୍ତ୍ତା ଭିତରେ ବାଟ ସରି ଆସିଲା।

- ମୋ ଗାଁ ପାଖେଇ ଆସିଲା।

ଏଇ ଦଣ୍ଡା ରାସ୍ତା ସରିଲେ ଘର।

ବାଁ ପଟ ନଦୀ କୂଳ ରାସ୍ତା ଗହଳି ଦିଶୁଥିଲା।

ପଶେଇ ଗାଡ଼ି ସ୍ଲୋ କଲା।

- କଣ ହେଇଚି ଟିକେ ଦେଖି ଆସେ। ଗୋପାଳ ମନ ଉଚ୍ଛନ୍ନ ହେଉଥିଲା। କେମିତି ଜଲଦି ପହଂଚିବ ଘରେ।

- ଚାଲ ସାଙ୍ଗ, ଆଉ ଡାକେ ବାଟ, ନହେଲେ ମୁଁ ଓହ୍ଲେଇ ଚାଲି ଯାଉଛି। ତୁ ଆସେ ପଛରେ।

- ଆରେ ରୁହ ଟିକେ। ମଦନ ଭାଇ ଶୁଣ ଶୁଣ କଣ ହେଇଚି ଗହଳି ?

ପଇଡା ଘର ବୋହୂକୁ କୁମ୍ଭୀର ଟାଣି ନେଇଛି।

ଗୋପାଳ ଛାତି ଦାଉଁକିନା ହେଇଗଲା। ସେ ଅଟୋ ଭିତରୁ ଡେଇଁ ପଡିଲା। ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଦଉଡିଲା ଯେମିତି ପଛରେ ବିଷଧର ସର୍ପ ଗୋଡେଇଛି। ପଛରେ ପଶେଇ।

ପ୍ରବଳ ଭିଡ଼। ପିମ୍ପୁଡ଼ି ଗଳିବାକୁ ବାଟ ନାହିଁ ଯେମିତି।

ସୁଧା ମା ଖୁଡ଼ୀ ଭେଟ ହେଇଗଲା। ତା କାଖରେ ଗୋପାଳ ନିଜ ଝିଅକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା।

- କ'ଣ ଦେଖିବାକୁ ଆଉ ଅଇଲୁରେ ଧନ ? ବିଚାରୀ ହିନୀକପାଳିଟା। କି ସୁଖ ପାଇଲା। ସକାଳୁ ସଞ୍ଜ ବୁଢ଼ା ବୁଢ଼ୀଙ୍କ ଗୁହ ମୁତ କରି କି ପୁଣ୍ୟ ଅର୍ଜିଲା ? ଦଇବ ବିଚାର ବଡ ନିଦାରୁଣ।

ସମସ୍ତଙ୍କୁ ଆଡ଼ ?ଇ ଗୋପାଳ ନଈ ତୁଠକୁ ଦୌଡ଼ି ଗଲା। ପଥର ଉପରେ ବାପା, ବୋଉଙ୍କ ଲୁଗା ପଟା ସେମିତି ଥୁଆ ହେଇଚି। ବେଣା ବୁଦା କଡକୁ ପ୍ଲାଷ୍ଟିକ ବାଲ୍ଟି ଓଲଟି ପଡିଚି। ରାଧିର ଚପଲ ହଳକ ସେମିତି ଅକ୍ଷତ ରହିଛି ଯାହାକୁ ଗତ ଥର ସେ କଲିକତାରୁ ଆଣିଥିଲା। ବେଗ୍ ଦୁଇଟି ତଳେ ପକେଇ ଚପଲ ହଳକ ମୁଠେଇ ଚିତ୍କାର କରି ଉଠିଲା ଗୋପାଳ।

- ରାଧି.....

ପୂର୍ବ ଦିଗରେ ସିନ୍ଦୂରା ଫାଟି ଆସୁଥିଲା। ଗୋପାଳକୁ ଚତୁର୍ଦ୍ଦିଗ ଅନ୍ଧାର ଦିଶୁଥିଲା।

*ମକୁନ୍ଦ ପୁର, ବାଙ୍କୀ*
*ମୋ : ୯୪୩୭୪୬୮୦୧୬*

## ଜୀବନର ସଂଜ୍ଞା

*ରତ୍ନକାନ୍ତି ମିଶ୍ର*



କେବେ ଜୀବନଟା ମଳୟ ପବନ
କେବେ ବୈଶାଖର ଝଞ୍ଜି
କେବେ ଦିନ କେବେ ରାତିର ସପନ
ହୁଏ ନାହିଁ ତାକୁ ବୁଝି ॥

କେବେ ମରିଚୀକା ପଥେ ଧାଉଁଥାଏ
କେବେ ବାସ୍ତବତା ଆଡେ
କେବେ କୁହୁଡିର ଘନ ଆସ୍ତରଣେ
ଲକ୍ଷ ପଥ ତା'ର ହୁଡେ ॥

ଜୀବନଟା କେବେ ଅଙ୍କାବଙ୍କା ନଈ
ସପନଟା ବନ୍ଧା ସାଥେ
ବହି ଚାଲିଥାଏ ଖାଲ ଖମା ଡେଇଁ
ଆଦ୍ୟ ସଂକଳ୍ପିତ ପଥେ ॥

କେବେ ଛନ୍ଦାୟିତ ଝରଟେ ଜୀବନ
ଖୁସି ପୁଲକର ନାଦ
କେବେ ଆତୁରିତ ମାୟାମୃଗ ସତେ
ଅନାହୂତ ପରମାଦ ॥

ପ୍ରାରମ୍ଭ ଠୁ ପ୍ରାନ୍ତ ପ୍ରାରବ୍ଧର ଯାତ୍ରା
ଭୂମି ଭୂମା ଯାଏ ଛୁଇଁ
ଜୀବନର ସଂଜ୍ଞା ପୃଷ୍ଠ ପରିବ୍ୟାପ୍ତ
ବର୍ଣ୍ଣିବାକୁ ଶବ୍ଦ କାହିଁ ??

*ଆଳି, କେନ୍ଦ୍ରାପଡା*

## ଆଖି ଆଇନାରେ ମୋ ସୁନା କନିଆଁ

*କବିରତ୍ନ ନୂତନ କୁମାର ବେହେରା*



ଆଖି ଆଇନାରେ ମୋ ସୁନା କନିଆଁ
ପ୍ରତିବିମ୍ବ ହୋଇ ନାଚେ ଯେବେ
ମୁଁ ଯେଣେ ଚାହେଁ ତେଣେ ଦେଖ ତାକୁ
ଦିଶୁଥାଏ ମୋତେ ସାରା ଦୁନିଆଁ
ତା' ହସ କରେ ବଶ ହୁଏ ମୁଁ ବିବଶ
ରୂପ ଶିରୀ ତାର ଝଲସେ ଆନନ୍ଦ ଉଲ୍ଲାସେ
ନିଏ ଆକର୍ଷି ଲାଗେ କରିଛି କି କିମିଆଁ
ଆଖି ଆଇନାରେ ମୋ ସୁନା କନିଆଁ
ସପନେ ଆସେ ପାଖରେ ବସେ
ନିଦରୁ ଚେଇଁ ଯେବେ ମୁଁ ରହେ ଚାହିଁ
ମାୟା ମିରିଗ ପରି ଯାଏ ଦୂରକୁ ପଳାଇ
ତା' ପଛେ ପଛେ ଦୌଡ଼ିଲେ ମାରେ ସେ ଡ଼ିଆଁ
ଧାଇଁ ଧାଇଁ ହୋଇପଡ଼ ? ମୁଁ ଧଇଁ ସଇଁ
ପାଏନା ହାତ ବୁଝି ପାରେନା ମିଛ କି ସତ
ତା' ପାଇଁ ହୁଏ ମୁଁ ଭାରି ଛାନିଆଁ
ଆଖି ଆଇନାରେ ମୋ ସୁନା କନିଆଁ
ବାହାରେ ଦେଖେ ଛଳନାର କୁହୁଡ଼ି ଧୂଆଁ
ଛାତି ଭିତରେ ଜଳେ ହୁତୁ ହୁତୁ ବିରହ ନିଆଁ
ଦିଏ ନାହିଁ କେବେ ମୋତେ ସେ ଛୁଆଁ
ଏତେ କରି ଭଲ ପାଏଁ ମନ ହୃଦୟ ଦିଏଁ
ମୋତେ ସେ ଧରା ଦେଉନି କିଆଁ
ମନେ ମନେ ଛବି ଆଙ୍କ ? ଶୋଇ ପଲଙ୍କ ?
ଅନ୍ତରରୁ ତା' ପ୍ରତି ପ୍ରେମ ଝରେ ଅସୀମ
ଅନୁଭବେ ଅନୁଭୂତ ହୁଏ ଅନୁପମ
ପାଇବାକୁ ପ୍ରୀତି ଅନୁରାଗ ବଢେ ସରାଗ
କରି ପ୍ରତିଜ୍ଞା ଚାଲିଛି ବାଟେ ବାଟେ ଏକମୁହାଁ
ଆଖି ଆଇନାରେ ମୋ ସୁନା କନିଆଁ...।

*କୋହି, ବାରିପଦା, ମୟୂରଭଞ୍ଜ*
*ମୋ.ନଂ.--୮୦୧୮୩୫୩୩୨୨*

## ଜୀବନର ଜଉଘର

*ନିରଞ୍ଜନ ସାହୁ*



ସୁନା ସକାଳର ସୁନେଲି ଖରାରେ
ବୁଲିବା ଯେମିତି ହିତ
ମନକୁ ସେମିତି ପ୍ରଫୁଲ୍ଲ କରଇ
ଶୁଣିଦେଲେ ମିଠା ଗୀତ ।
ଜୀବନରେ ଆସେ କେତେ ଝଡ଼ଝଞ୍ଜା
ସହିବା ବହୁତ କଷ୍ଟ
ନ ସହିବ ଯଦି ବାକି ଜୀବନଟା
ହୋଇଯିବ ପୁରା ନଷ୍ଟ
ଆପଦେବିପଦେ ' ଆହା ' ପଦେ
ମିଳେ
ବିଭୁ ପଦେ ଦେଲେ ଚିତ୍ତ ।
ଜୀବନର ପ୍ରତି ପାଦେ ପାଦେ କଣ୍ଟା
ଫୁଲ ତ ସହଜ ନୁହେଁ
ସିଏ ଚାଲିଯାଏ ଯିଏ କହିଥାଏ
ସାତ ଜନ୍ମ ପାଇଁ ଦୁହେଁ
ମନ ଖୋଲିଦେଇ ମନ କଥା ବୁଝେ
ଯିଏ ବାସ୍ତବରେ ମିତ ।
ଜୀବନକୁ ଯେତେ ସହଜ ଭାବିବ
ନୁହଁଇ ସରଳ ସେତେ
ଜୀବନ କାହାଣୀ ଲମ୍ବି ଯାଇଥାଏ
କହିବ କାହାକୁ କେତେ
ଜୀବନ ଯୁଦ୍ଧରେ ହାରିଯାଅ ନାହିଁ
କଳେବଳେ ଯୁଦ୍ଧ ଜିତ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ - ୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଆସିଛି କାର୍ତ୍ତିକ ମାସ

*ସୁଧାକର ରାଉତ*



ଅଶିଣ ମାସର ଶେଷରେ
କାର୍ତ୍ତିକ ଆସିଛି ଧରାରେ
ଧରମ ମାସଟି ଅଟେ ବୋଲି ଏହା
ଏକଥା କୁ କିଏ ପାଶୋରେ ।
ଶୀତ ବି ତା' ପାଦ ଥାପିଛି
ଅଳ୍ପ ଅଳ୍ପ ଥଣ୍ଡା ଲାଗୁଛି
କୁନା ଟି ଆମର ନ ଉଠିବା ପାଇଁ
କେତେଯେ ବାହାନା ଖୋଜୁଛି ।
ପ୍ରାତଃ କାଳୁ ଶଯ୍ୟା ତେଜିଣ
ନିତ୍ୟ କର୍ମ ରାଜି ସାରିଣ
ମନ୍ଦିରକୁ ସର୍ବ ? ଯାଆନ୍ତି ଭକ୍ତିରେ
ଈଶ୍ୱରଙ୍କୁ ମନେ ହେଜିଣ ।
ଘଣ୍ଟି ଘଣ୍ଟା ହରି ବୋଲରେ
ହୁଳହୁଳି ଓ ମାର୍ଦ୍ଦଳ ରେ
ମନ୍ଦିର ସାରା ପରିବେଶ କମ୍ପଇ
ଅପୂରୁବ କୋଳାହଳ ରେ ।
ସ୍ପର୍ଶ ନ କରିଣ ଆମିଷ
କେତେକ କରନ୍ତି ହବିଷ
ନୀଳାଚଳ ଧାମେ ହବିଷ୍ୟାଳୀ ଭାବେ
କାଟି ଥାନ୍ତି ପରା ଏ ମାସ ।
ଲକ୍ଷ୍ମୀପୂଜା , ଓ କାଳୀପୂଜା
ଦୀପାବଳି ବି ଆଣେ ମଜା
ଆବାଳ ବୃଦ୍ଧ ବନିତା ଉଲ୍ଲାସ ରେ
ଦୀପେ କରନ୍ତି ଘର ସଜା ।
ଧନ୍ୟ ଧନ୍ୟ ଆମ ସଂସ୍କୃତି
ପରମ୍ପରା ଓ ରୀତି ନୀତି
ଉତ୍କଳର ଏ ନିଆରା ମାସଟି
ଜଗାଏ ମନେ ବିଭୂ ପ୍ରୀତି ।
ଆସ ଆସ ହେ କୋମଳ ମତି
ହୋଇ ସରବେ ଏକ ମତି
ମାନବ ସେବା ମାଧବ ସେବା ଭାବି
କରିବା ଆମେ ନିତି ନିତି ।

*ପ୍ରତାପ ନଗରୀ କଟକ*
*ମୋ -୮୨୪୯୯୩୨୭୯୨*

# ପ୍ରଶଂସା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସମୀର ଖୁବ କମ କଥା କୁହନ୍ତି । କହିବାକୁ ଗଲେ ଯେଉଁଠି ସବୁ ଠିକ ଠାକ ଥାଏ, ସେଠି ସେ କିଛି କୁହନ୍ତି ନାହିଁ ; ମାତ୍ର ଯେଉଁଠି କିଛି ଭୁଲ କିମ୍ବା ତ୍ରୁଟି ଦେଖିଲେ ତାଙ୍କୁ ଆଉ ସମ୍ଭାଳେ କିଏ ? ଏଭଳି ଲୋକଙ୍କ ପ୍ରଶଂସକଙ୍କ ଠାରୁ ନିନ୍ଦୁକଙ୍କ ସଂଖ୍ୟା ଖୁବ ବେଶୀ । ଏଇ ଯେମିତି ଯୁବା ସମୟରେ ତାଙ୍କ ଉପରିସ୍ଥ କର୍ମଚାରୀ ତାଙ୍କୁ ଅପମାନ ଦେଇଥିଲା ବୋଲି ଚାକିରୀରୁ ଇସ୍ତଫା ଦେଇ ସେ ଘରକୁ ଚାଲି ଆସିଥିଲେ । କାହା ଅଧୀନରେ ମୁଣ୍ଡ ନୁଆଇଁ, ନିଜ ସମ୍ମାନକୁ ତଳେ ପକେଇ ଚାକିରୀ କରିବା ତାଙ୍କ ଦ୍ୱାରା ହୋଇ ନ ଥିଲା । ସେଥିପାଇଁ ବ୍ୟବସାୟକୁ ସେ ବାଛିନେଇଥିଲେ ନିଜ ଆଗାମୀ ଭବିଷ୍ୟତ ପାଇଁ କ୍ଷ ସେଇ ରୋକଠୋକ କଥାବାର୍ତ୍ତା ଓ ନ୍ୟାୟ ସମ୍ମତ ଗୁଣ ଯୋଗୁଁ ଆଜି ସେ ଜଣେ ସଫଳ ବ୍ୟବସାୟୀ । ଅଳ୍ପ କଥା କୁହନ୍ତି, ହେଲେ ଯେବେ କହନ୍ତି ନିରାଟ ସତ । ସେଥିପାଇଁ ତାଙ୍କୁ ଅନ୍ତରରୁ ଭଲ ପାଉଥିବା ଲୋକ ହିଁ ତାଙ୍କ ସାଙ୍ଗରେ ମିଶନ୍ତି । ମିଛ ପ୍ରଶଂସା ତ ତାଙ୍କ ଜାତକରେ ନାହିଁ । ଆଉ ରହିଲା ସତରେ ପ୍ରଶଂସା କରିବା କଥା, ସେଇ କଳାଟି ସେ ଏ ଯାଏଁ ଆୟତ୍ତ କରି ପାରନ୍ତି ନାହିଁ । ସେଥିପାଇଁ ସ୍ତ୍ରୀ ମୀରାଙ୍କର ବି ଅଭିଯୋଗ ଯେ, ' ତୁମେ ଆଜି ପର୍ଯ୍ୟନ୍ତ କେବେ ଭଲକୁ ଭଲ କହିଛ ନା କହିବ !'ମୀରା ନିତି ଭିନ୍ନ ଭିନ୍ନ ରକମର ସୁସ୍ୱାଦୁ ଭୋଜନ ତିଆରି କରି ପରଷି ଦିଅନ୍ତି ସ୍ୱାମୀଙ୍କ ଆଗରେ ହେଲେ ଚୁପଚାପ ବିନା ବାକ୍ୟ ବିନିମୟରେ ସବୁ ଖାଇଦେଇ ଉଠି ଯାଆନ୍ତି ସମୀର କ୍ଷ ଏତେ ପରିଶ୍ରମ କରି, ସମୟ ଦେଇ ରୋଷେଇ କରିଥିବା ଯୋଗୁଁ ସବୁ ସ୍ତ୍ରୀ ଭଳି ତାଙ୍କର ବି ଇଚ୍ଛା ହୁଏ କେବେ ଟିକେ ସ୍ୱାମୀ କହନ୍ତେ, ' ବାଃ ! ଆଜି ବଢ଼ିଆ ହେଇଛି ଖାଇବା, ମଜା ଆସିଗଲା। ' ହେଲେ ନା, ଏଇ ସୌଭାଗ୍ୟ କେବେ ହୋଇନି ତାଙ୍କର । ଖାଇବା ଭଲ ହେଇଥିଲେ ଥାଳିଆ ସଫା କରି ଖାଇଦେବେ, ହେଲେ ସ୍ତ୍ରୀ ହାତରନ୍ଧାର ପ୍ରଶଂସା କେବେ କରିବେ ନାହିଁ । ଖାଇବା ଭଲ ନ ଲାଗିଲେ ଧୀରେ କଣ କେମିତି ଆଚାର ଲଗେଇ ଅଳ୍ପ ଖାଇ ଦେଇ ବାକି ତକ ଛାଡ଼ି ଦେଇ ଯାଆନ୍ତି । କିଛି କୁହନ୍ତି ନାହିଁ ସିନା, ଭାରି କଷ୍ଟ ପାଆନ୍ତି ମୀରା ! ଲୋକଟି ଆଜି କିଛି ଭଲରେ ନ ଖାଇ ଉଠିଗଲେ କ୍ଷ ଯେତେ ପ୍ରକାର ନୂଆ, ସୁସ୍ୱାଦୁ ବ୍ୟଞ୍ଜନ ପରଷି ଦେଲେ ବି 'ବାଃ, ବଢିଆ ହେଇଛି ତ ' ଧାଡ଼ିକ ଶୁଣିବାକୁ ସ୍ତ୍ରୀ ମୀରାଙ୍କ ତତ୍ପର କାନଦୁଇଟି ସବୁବେଳେ ନିରାଶ ହୁଅନ୍ତି ।

ଥରେ ରୋଷେଇଘର କାମ ସାରି ଶୋଇବାଘରକୁ ଆସିବା ବେଳେ ସମୀର କାହା ସହିତ ଫୋନରେ କଥା ହେବା ଶୁଣି ମୀରା କବାଟ ପାଖରେ ହିଁ ରହିଗଲେ । ସମୀର କହୁଥିଲେ, ' ମୋ ଧର୍ମପତ୍ନୀ ମୀରାଙ୍କ ହାତର ସୁସ୍ୱାଦୁ ବ୍ୟଞ୍ଜନର ଯେତେ ପ୍ରଶଂସା କଲେ କମ ହେବ । ସେଥିପାଇଁ ତ ତମ ସାଙ୍ଗମାନଙ୍କର ପ୍ରତିଥର ହୋଟେଲ ଯିବା ନିମନ୍ତ୍ରଣ କୁ ଆଡେଇ ଦେଇ ତାଙ୍କ ହାତପରଷା ଖାଇବାକୁ ରହିଯାଏ କ୍ଷ କିନ୍ତୁ ଏଇଟା ବି ସତ ଯେ ଭଲକୁ ଭଲ କହିବାର ଭଲ ଗୁଣଟି ବି ମୋ ପାଖରେ ନାହିଁ କ୍ଷ ବିଚାରୀ ମୀରା କେତେ ପରିଶ୍ରମ କରି ରୋଷେଇ କରି ନିତି ନୂଆ ବ୍ୟଞ୍ଜନ ପରଷି ଦିଅନ୍ତି ମୋ ଆଗରେ, ଆଉ ମୁଁ ପ୍ରଶଂସା କରିବା ତ ଦୂରର କଥା ' ଖାଇବା ଭଲ ହୋଇଛି 'ବୋଲି କହିବାକୁ ବି ସଙ୍କ ?ଚ କରେ।

ବାହାରୁ ଥାଇ ମୀରା ଶୁଣୁଥାନ୍ତି ସବୁ କଥା । ଲାଜରେ ତାଙ୍କ ତୋଫା ଗୋରା ମୁହଁଟି ନାଲି ପଡି ଯାଉଥାଏ । ଏତେ ଦିନର ଅଭିମାନ କେଉଁ କ୍ଷଣରେ ଅଦୃଶ୍ୟ ହୋଇଗଲା ସମୀରଙ୍କ କଥା ଶୁଣି । ମୁହଁ ଖୋଲି ପ୍ରଶଂସାର ପଦଟିଏ କହୁ ନ ଥିବା ତାଙ୍କ ସ୍ୱାମୀ, ତାଙ୍କ ହାତରନ୍ଧା ଖାଦ୍ୟର ପ୍ରଶଂସା ସାଙ୍ଗ ମାନଙ୍କ ଆଗରେ ବେଧଡକ କହିଦେବା ତାଙ୍କୁ ଗୋଟିଏ ବଡ଼ ପୁରସ୍କାର ଠାରୁ କମ ଲାଗିଲା ନାହିଁ । ସବୁ ଶୁଣି କିଛି ନ ଶୁଣିଲା ଭଳି ଅଭିନୟ କରି ସେ ଶୋଇବାଘରକୁ ପଶିଲେ । ସମୀରଙ୍କ ମୁହଁରେ ତୃପ୍ତିର ଧାରେ ହସ, ' ଯା ହଉ ମୀରା ଆସିବା ପୂର୍ବରୁ ସେ ଫୋନରେ କଥା ହେବା ସାରି ଦେଇଛନ୍ତି ।

ଫୋନ - ୬୩୭୦୫୧୬୪୭୮
ଭୁବନେଶ୍ୱର

# ଫମ୍ପା ଆଦର୍ଶବାଦ



ଭାସ୍କର ବାରିକ୍

ଆଦର୍ଶବାଦ ବିଷୟରେ ବିଚକ୍ଷଣ ଭାବରେ କଥା କହୁଥିବା ପ୍ରତ୍ୟେକ ବ୍ୟକ୍ତି ଯେ ଜଣେ ଜଣେ ଆଦର୍ଶବାଦୀ, ଏକଥା ଭାବିବା ଭୁଲ୍ । ମଦିରା ହାଣ୍ଡିଆ ଦେହ ପାଇଁ କ୍ଷତିକାରକ ବୋଲି ଭାଷଣରେ କହୁଥିବା ଲୋକ, ନିଜେ ସେ କଥାକୁ କେତେଦୂର ପାଳନ କରେ ବ୍ୟକ୍ତିଗତ ଜୀବନରେ ? କହିବାକୁ ଖରାପ ଲାଗୁଛି, ମଂଚ ଉପରେ ଏମିତି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ଅନର୍ଗଳ ଭାଷଣ ଶୁଣିବାର ସୁଯୋଗ ମିଳିଥିଲା ଏ ଅଧମକୁ । ପରିତାପର ବିଷୟ, ସଭା ସରିବା ପରେ ସେହି ବ୍ୟକ୍ତିଙ୍କ ପାଇଁ ମଦିରା ପାନର ସ୍ୱତନ୍ତ୍ର ବ୍ୟବସ୍ଥାର ଆୟୋଜନ କରାଯାଇଥିଲା ଗୁପ୍ତ ଭାବରେ । ସେ କୁଆଡେ ବୋତଲ ସଫା କରିଦେଇଥିଲେ ପାଣି ପିଇବା ଭଳି । ଆମ କଥା ଆଉ କାମ ଭିତରେ ଆକାଶ ପାତାଳର ଫରକ୍ । ଭୁବନେଶ୍ୱରରେ ପାଠ ପଢୁଥିଲା ବେଳେ ହଷ୍ଟେଲରେ ରହିବା, ଖାଇବା ଓ ପାଠପଢ଼ା ବାବଦକୁ ନିଜର ଖର୍ଚ୍ଚ ପାଇଁ କେତୋଟି ଜାଗାରେ ଟିୟୁସନ୍ ପଢଉଥିଲି । ବଡ଼ ଘର, ବଡ଼ ଲୋକ । ଦିନେ ମୁଁ ଜଣେ ଭଦ୍ରବ୍ୟକ୍ତିଙ୍କ ଘରକୁ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଟିୟୁସନ୍ ପଢେଇବାକୁ ଯାଇଥାଏ । ଭଦ୍ରବ୍ୟକ୍ତିଙ୍କ ନାତି ମୋ ପାଖରେ ଟିୟୁସନ୍ ପଢୁଥାଏ । ସେଦିନ ମୁଁ ପହଞ୍ଚିଲା ବେଳକୁ ପିଲାଟି ଘରେ ନଥାଏ । ପିଲାଟିର ଜେଜେବାପା ଡ୍ରଇଂ ରୁମରେ ବସିଥାନ୍ତି । ମୁଁ ତାଙ୍କୁ ନମସ୍କାର କଲି , ସେ ବି ମୋତେ ସହାସ୍ୟ ପ୍ରତି ନମସ୍କାର କଲେ । ସରକାରୀ ଚାକିରୀ କରିଥିଲେ ମହାଶୟ । ଏକ ଉଚ୍ଚ ପଦବୀରେ ଅନେକ ବର୍ଷ କାମ କରି ପାଖାପାଖି ଦଶ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଚାକିରୀରୁ ଅବସର ନେବାର । ଭଦ୍ରବ୍ୟକ୍ତି ଜଣଙ୍କ ଓଡ଼ିଆ ଭାଷାର ସୁରକ୍ଷା ଓ ଉନ୍ନତି ପାଇଁ ଅନେକ କଥା ଚିନ୍ତା କରନ୍ତି ଓ ବିଭିନ୍ନ ସଭା ସମିତିରେ ଏ ବିଷୟରେ ଭାଷଣ ଦିଅନ୍ତି । ଏହି ଯେମିତି , ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ,

ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ , ଇତ୍ୟାଦି । ସେଦିନ ନାତିର ଅନୁପସ୍ଥିତିରେ ସେ ମୋ ସହିତ ଅନେକ ପ୍ରସଙ୍ଗରେ କଥା ହେଲେ । ଓଡିଆ ଭାଷାର ସୁରକ୍ଷା ବିଷୟରେ ବି ନିଜର ମତ ରଖିଲେ । ମୁଁ ଇଂରାଜୀ ସାହିତ୍ୟର ଛାତ୍ର ବୋଲି ସେ ଜାଣିଥିଲେ । ଇଂରାଜୀ ଭାଷା ସାହିତ୍ୟ ପଢ଼, କିନ୍ତୁ ନିଜର ମାତୃଭାଷାକୁ ସମ୍ମାନ ଦିଅ ବୋଲି କଥା ଛଳରେ ସେ ମୋତେ ଉପଦେଶ ଦେଇଥିଲେ ।

ମୁଁ ନୀରବରେ ତାଙ୍କ କଥା ଶୁଣୁଥାଏ ଓ ମଝିରେ ମଝିରେ ମୁଣ୍ଡ ହଲେଇ ତାଙ୍କ କଥା ଠିକ୍ ବୋଲି ସୂଚେଇ ଦେଉଥାଏ । ମନେ ମନେ ଭାବୁଥାଏ ପଚାରିବି କି ବୃଦ୍ଧ ଭଦ୍ରବ୍ୟକ୍ତିଙ୍କୁ ,ଓଡିଆ ଭାଷାର ସୁରକ୍ଷା ପାଇଁ ଆପଣ ଏତେ ଚିନ୍ତା କରୁଛନ୍ତି , ନିଜ ନାତିକୁ ଓଡିଆ ମାଧ୍ୟମ ବିଦ୍ୟାଳୟରେ ନପଢେଇ କାହିଁକି ଦାମୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢଉଛନ୍ତି । କିନ୍ତୁ ପଚାରି ପାରିଲିନି କାଳେ ଖରାପ ଭାବିବେ । ଉଚ୍ଚାରଣ ଓ ଆଚରଣରେ କେତେ ତଫାତ୍ ସତରେ । ଆଦର୍ଶବାଦର କଥା କହୁଥିବା ବ୍ୟକ୍ତି ନିଜେ କେମିତି ନିଜ କଥାକୁ ଗିଳି ଦେଉଛନ୍ତି, ସେକଥା ଆପଣମାନେ ବିଚାର କରିବେ ।

ବହୁବାର ଶୁଣିଛି, ଲୋକମାନେ କହନ୍ତି ନେତା, ମନ୍ତ୍ରୀ ଓ ଅଧିକାରୀ ମାନେ ଏ ଦେଶକୁ ଖାଇଗଲେ । ଯେଉଁମାନେ ଏଭଳି ମନ୍ତବ୍ୟ ଦିଅନ୍ତି, ସେହିମାନେ ନିଜର ସୁଉଚ୍ଚ ପ୍ରାସାଦକୁ ଲୁଚେଇ, ନଡ଼ା ଛପର ଘରଟିଏ ଦେଖେଇ ସରକାରଙ୍କର ସବୁ ପ୍ରକାର ମାଗଣା ଯୋଜନାର ଫାଇଦା ଆଗ ନିଅନ୍ତି । ଯେ ଆଗ ପାଇବା କଥା, ସେ ବିଚରା ତଣ୍ଟି କଟା ପ୍ରତିଯୋଗିତାରେ ନିଜକୁ ସାମିଲ୍ କରି ପାରେନି । ଆମେ କହୁଛୁ ଗୋଟେ,କରୁଛୁ ଗୋଟେ । ଏ ହେଉଛି ଆଜିର ଆଦର୍ଶବାଦ ।

ଆଜିର ପିଲାମାନେ ବାପା ମାଆ ଡ଼ାକ ଭୁଲିଗଲେଣି ପ୍ରାୟ । ବାପା ମାଆ ଜାଗାରେ ଡାଡି ମମି ଡାକ ଅଧିକ । ଆମ ଛାତି ବି ଗର୍ବରେ ଫୁଲି ଉଠୁଛି । ବିଦ୍ୟାଳୟ ତ ଦଣ୍ଡମୁକ୍ତ ଅଂଚଳ । ଶିକ୍ଷକମାନେ ପିଲାଙ୍କୁ ଡରୁଛନ୍ତି । କାଳେ ଦୁଷ୍ଟାମୀ ପାଇଁ କାନ ମୋଡିଦେଲେ, ପିଲା ଟୋଲ୍ ଫ୍ରି ନମ୍ବରରେ ଫୋନ୍ କରି ଅଭିଯୋଗ କରିବ ଆଉ ବିଚରା ଶିକ୍ଷକ ଜଣଙ୍କ ବିପଦରେ ପଡିବେ । ପିଲା ପଢୁ କି ନପଢୁ , ଘରକାମ କରି ଆସୁ କି ନଆସୁ,ସେଥିରେ ଆଉ ବିଶେଷ କିଛି ମତଲବ ନାହିଁ । ଘରେ ବାପା ମାଆ ଉଭୟ ବ୍ୟସ୍ତ । ପିଲା ପାଇଁ ସମୟ ନାହିଁ । ସେଥିପାଇଁ ପିଲା ହାତରେ ଦାମିକା ସ୍ମାର୍ଟ ଫୋନ୍ । ଗଣ୍ଡା ଗଣ୍ଡା ଘରୋଇ ଶିକ୍ଷକ । ତାପରେ ପରୀକ୍ଷା ସମୟ ଆସିଲେ, ପିଲା ଯେତେ ବ୍ୟସ୍ତ ହୁଏନି, ବାପା ମାଆ ପିଲାଠାରୁ କାହିଁ କେତେ ଗୁଣରେ ବ୍ୟସ୍ତ । ଦଶମ ଶ୍ରେଣୀର ପରୀକ୍ଷା କେନ୍ଦ୍ର କେଉଁ ବିଦ୍ୟାଳୟରେ ପଡିବ, କ'ଣ କଲେ ପିଲା ଭଲ ନମ୍ବର ରଖିବ , ସେଥିପାଇଁ ସବୁକିଛି କରିବା ପାଇଁ ପ୍ରସ୍ତୁତ । ଆଉ ପିଲା ଆଦର୍ଶବାଦ ଶିଖିବ କେଉଁଠୁ । ଗୀତା , ଭାଗବତ, ରାମାୟଣ ଭଳି ମହାନ ପବିତ୍ର ଗ୍ରନ୍ଥ ବିଷୟରେ ଆମ ପିଲାମାନଙ୍କର ସାମାନ୍ୟ ଧାରଣା ନାହିଁ । ବହୁ ଉଚ୍ଚ ପଦବୀରେ ଥିବା କିଛି ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ବିଭିନ୍ନ ନକାରାତ୍ମକ ଖବର ଖବରକାଗଜ ଓ ଟିଭିରେ ଆମେ ପଢୁ ,ଶୁଣୁ ଓ ଦେଖୁ । ଏହା ହେଉଛି ଆଦର୍ଶ ପଥରୁ ଦୂରେଇ ଯିବାର ଫଳ । ନିଜ ପାଇଁ ଗୋଟେ ନିୟମ ଓ ଅନ୍ୟ ପାଇଁ ଆଉ ଗୋଟେ ନିୟମ, ଏଇଟା କେମିତି ହେବ ? ଆଦର୍ଶବାଦର କଳିଜା ଉପରେ ଠିଆହୋଇ ତାଣ୍ଡବ ନାଚିବୁ,ପାଟିରେ କିନ୍ତୁ ଖୁବ୍ ଜୋରରେ ଆଦର୍ଶବାଦର କଥା କହିବୁ , ଏମିତି ଚାଲିଲେ ଭବିଷ୍ୟତ ନିଶ୍ଚିତ ଅନ୍ଧାର ଆଡ଼କୁ ଟାଣି ହୋଇଯିବ, ଏଥିରେ ଟିକିଏ ବି ସନ୍ଦେହ ନାହିଁ । ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ମୂଲ୍ୟବୋଧ ଓ ଆଦର୍ଶବାଦ ଧୀରେ ଧୀରେ ମରିବାକୁ ଯାଉଛି ।ଜଣେ ସଭ୍ୟ ସୁମଣିଷ ହୋଇ ଜିଇଁବା ପାଇଁ ଆମକୁ ସତ୍ୟ, ନ୍ୟାୟ,ଧର୍ମ, ପରୋପକାର,ଦୟା, କ୍ଷମା ଆଦି ମହନୀୟ ଗୁଣକୁ ଆଦରି ନେବାକୁ ହେବ ଓ ଶାନ୍ତିର ମାର୍ଗ ବାଛିବାକୁ ହେବ । କଥା ଆଉ କାମ ଭିତରେ ଯେମିତି ଫରକ୍ ନରହିବ ସେଥିପ୍ରତି ବିଶେଷ ସଚେତନ ହେବାକୁ ପଡ଼ିବ । ପିଲାମାନଙ୍କୁ ପୁସ୍ତକ କୀଟ କରି ଟଙ୍କା ତିଆରି ମେସିନ୍ କରି ଗଢି ତୋଳିବା ବଦଳରେ ସୁଶିକ୍ଷା ଦେବା ସହିତ ମୂଲ୍ୟବାନ ଧର୍ମଗ୍ରନ୍ଥ ଶିକ୍ଷା ଦେବାକୁ ପଡିବ , ବଛା ବଛା ମହାପୁରୁଷଙ୍କ ଜୀବନୀ ପଢେଇବାକୁ ହେବ, ଭଗତ୍ ସିଂ,ଉଦ୍ଧାମ ସିଂ, ସୁବାଷ ବୋଷ, ଜୟୀ ରାଜଗୁରୁ,ବାଘା ଯତୀନ ,ଲାଲ୍ ବାଲ୍ ପାଲ୍, ଛତ୍ରପତି ଶିବାଜୀ, ସୁଖଦେବଙ୍କ ପରି ଅନେକ ସାହସୀ ପରାକ୍ରମୀ ଦୁଶାହସୀ ବୀରଙ୍କର କାହାଣୀ ପଢେଇବାକୁ ହେବ , ସାହସୀ ଆଦର୍ଶବାଦୀ ମଣିଷ କରି ଗଢି ତୋଳିବାକୁ ହେବ , ତେବେ ଯାଇ ଭବିଷ୍ୟତ ସୁରକ୍ଷିତ ରହିବ ଓ ଆଦର୍ଶବାଦର ନୂଆ ଗୌରବମୟ ଇତିହାସ ଲେଖାଯାଇ ପାରିବ ।

ବାସୁଦେବପୁର, ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦




# ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ





ଭୁବନେଶ୍ୱର (ପିଏନ୍): ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷା ବନ୍ଧନ। ଗାଁଠୁ ସହର ରାଖୀର ପସରା ମେଲିଲାଣି। ରାଖୀ ପୂର୍ଣ୍ଣମୀକୁ ନଜରରେ ରଖି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ୩ ବର୍ଷ ହେଲା ନିଜର ଦୃଢ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ନୂଆ ସମ୍ଭାବନା ସୃଷ୍ଟି କରି ଆରମ୍ଭ କରିଛନ୍ତି ସ୍ୱଦେଶୀ କ୍ରାନ୍ତି ମିଶନ୍। ସାଧାରଣତଃ ବଜାରରେ ଉପଲବ୍ଧ ରାଖୀ ଏବଂ ଏଥିରେ ବ୍ୟବହୃତ ସାମଗ୍ରୀ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ। ମାତ୍ର ସୁଶାନ୍ତ ନିଜର ଅଧ୍ୟବସାୟ ବଳରେ ପରିବେଶ ଅନୁକୂଳ ରାଖୀ ତିଆରି କରିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ଯଥା- କଳାଧାନ, ଧଳାଧାନ, ନାଲିଧାନ, ବାଜରା, ସୂର୍ଯ୍ୟମୁଖୀ, କଖାରୁ, ଘରମଗଜ ଇତ୍ୟାଦି ବିହନ ସହ ତୁଳା, କାଠି, କାଗଜ, ନଡ଼ା, ସୂତା ଆଦିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ଅର୍ଥାତ୍ (ଇକୋ-ଫ୍ରେଣ୍ଡଲି) ଶସ୍ତା ସ୍ୱଦେଶୀ ରାଖୀ ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କ ପତ୍ନୀ ଅନସୂୟା ସାହୁ ଏବଂ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ସହଯୋଗ କରୁଛନ୍ତି। ଏହି ରାଖିଗୁଡ଼ିକ ଆକର୍ଷଣୀୟ ହେବା ସହ ଲୋକମାନଙ୍କର ମନ ଜିଣିପାରୁଛି। ରାଖୀକୁ ଶୈଳଶ୍ରୀ ବିହାର, ପଟିଆ, ଜଟଣୀ ଏବଂ ପୋଖରୀପୁଟ ଆଦି ଅଞ୍ଚଳକୁ ବିକ୍ରୀ ପାଇଁ ପଠାଯାଉଛି। ଚଳିତବର୍ଷ ମନକୁ ଛୁଇଁଲା ପରି ଏବଂ ରାଖୀର ମହତ୍ୱକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତ କରିଛନ୍ତି କଣ୍ଢେଇ ରାଖୀ ଏବଂ ରାଷ୍ଟ୍ରପତି ରାଖୀ। ବଜାରରେ ରାଖୀର ମୂଲ୍ୟ ୨୦ ଟଙ୍କାରୁ ଧରି ୫ ହଜାର ଟଙ୍କା ମଧ୍ୟରେ ବିକ୍ରୀ ହେଉଥିବା ବେଳେ ସୁଶାନ୍ତଙ୍କ ପରିବେଶ ଅନୁକୂଳ ରାଖୀ ୧୦ ଟଙ୍କାରୁ ୧୨୦ ଟଙ୍କା ମୂଲ୍ୟରେ ବିକ୍ରୀ କରାଯାଉଛି। ଚଳିତବର୍ଷ ଦୁଇହଜାର ରାଖୀ ତିଆରି କରାଯାଇଥିବା ସୁଶାନ୍ତ କହିଛନ୍ତି। ପ୍ରତିବର୍ଷ ନିଆରା



ସ୍ୱଦେଶୀ ସାମଗ୍ରୀ ଓ ପରିବେଶକୁ ସୁହାଇଲା ଭଳି ରାଖୀ ପ୍ରସ୍ତୁତ କରୁଥିବା ଏହି ଦମ୍ପତି ପାରମ୍ପରିକ ରାଖୀ ଜରିଆରେ ସମ୍ପର୍କର ବନ୍ଧନ ସହିତ ପ୍ରକୃତିର ବନ୍ଦନା କରିବାର ବାର୍ତ୍ତା ଦେଇଥାନ୍ତି। ଆଗକୁ ଏହି ଇକୋ-ଫ୍ରେଣ୍ଡ୍‌ଲି ରାଖୀ ଭାରତର କୋଣ ଅନୁକୋଣରେ ସୁଲଭ ମୂଲ୍ୟରେ ପହଞ୍ଚାଇବାକୁ ସୁଶାନ୍ତ ଲକ୍ଷ୍ୟ ରଖିଛନ୍ତି।

# ଆନନ୍ଦ ଆଶ୍ରମରେ ଜନ୍ମଦିନ ପାଳିଲେ ବିଜୟଲକ୍ଷ୍ମୀ ଦାଶ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ୟୁନିଟ୍-୩ ସ୍ଥିତ ବୃଦ୍ଧାଶ୍ରମ ଆନନ୍ଦ ଆଶ୍ରମ ପରିସରରେ ସମାଜସେବିକା ବିଜୟଲକ୍ଷ୍ମୀ ଦାଶଙ୍କ ୨୯ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କୁ ରନ୍ଧା ଖାଦ୍ୟ ବଂଟନ ସହ ଗୋଟିଏ ଗ୍ରାଇଣ୍ଡର ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ନିମନ୍ତେ ପ୍ରଦାନ କରାଯାଇଥିଲା। କେକ୍ କାଟିବା ଓ ମହମବତୀ ଲଗାଇ ଲିଭାଇବା ପରମ୍ପରାକୁ ବାଦ୍ ଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭଜନ୍ମୋତ୍ସବ ଉକ୍ତ ଆଶ୍ରମରେ ପାଳନ କରାଯାଇଥିଲା, ଯାହାକି ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉକ୍ତ ଆଶ୍ରମର ମୁଖ୍ୟ ପରିଚାଳକ ପଦ୍ମଚରଣ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ମହିମା ସେବା ଫାଉଣ୍ଡେସନର ସଭାପତି ନାରାୟଣ ଖୁଂଟିଆ, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସାହୁ, ଆଶୁତୋଷ ଉପସ୍ଥିତ ରହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ପିଙ୍କିନା ପ୍ରଧାନ।

# ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ: ଗଲାଣି ୬ ପଶୁଙ୍କ ଜୀବନ, ପ୍ରଶାସନ ନୀରବ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି। ଗାଈ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଥିବାରୁ ସେମାନଙ୍କ ଜୀବନ ବିପଦରେ ପଡିଛି। କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ୩, ୪ଟି ପଶୁଙ୍କର ଉକ୍ତ ସ୍ଥାନରେ ମୃତ୍ୟୁ ଏବଂ ଗୁରୁତର ଭାବେ ଆହତ ହୋଇଛନ୍ତି। ଟ୍ରାନ୍ସଫରମଟି ମୁକୁଳା ହୋଇପଡିଥିବାରୁ ରାତି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି। ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ। ଫଳରେ ମଣିଷ ଓ ପଶୁଙ୍କ ଜୀବନ ବାଜିରେ ଲାଗିଛି। ଏଣୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଗାଙ୍ଗୋତ୍ରୀ ନଗର ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ବନମହୋତ୍ସବ ଜଗନ୍ନାଥପୁରରେ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ମା' ରାମଚଣ୍ଡୀ ମନ୍ଦିର ପରିସରରେ ଅଗ୍ରଣୀ ପ୍ରକୃତିପ୍ରେମୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ମାଧ୍ୟମରେ ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକି ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ଜେନା ଯୋଗଦେଇ ପରିବେଶ ପ୍ରଦୂଷଣ ଯୋଗୁଁ ବିଶ୍ୱ ତାପାୟନ ବୃଦ୍ଧି ପାଇଛି। ଏହାଦ୍ୱାରା ଜଳବାୟୁର ପରିବର୍ତ୍ତନ ଘଟିଛି। ପ୍ରାକୃତିକ ବିପର୍ଯ୍ୟୟ ମହାବାତ୍ୟା, ମହାବନ୍ୟା, ସୁନାମୀ, ଭୂମିକମ୍ପ, ଅଜଣା ରୋଗ, ମରୁଡି, ଅଂଶୁଘାତ, ବିଶ୍ୱ ମହାମାରୀ କରୋନା ଭଳି ଭୟଙ୍କର ରୋଗ ଦେଖାଦେଇ ଲକ୍ଷ ଲକ୍ଷ ମାନବ ଜୀବନ ମୃତ୍ୟୁ ମୁଖରେ ପଡୁଛି। ଏଥିରୁ ରକ୍ଷା ପାଇବା ପାଇଁ ବହୁଳ ଭାବରେ ବୃକ୍ଷରୋପଣ କରାଯିବା ସହ ପୁରୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁରେନ୍ଦ୍ରନାଥ ବେହେରା, ଦେବକାନ୍ତ ମଲ୍ଲ, ରଞ୍ଜନ କୁମାର ନାୟକ, ଭଞ୍ଜକିଶୋର ଦାସ, ଅବସରପ୍ରାପ୍ତ ସୈନିକ ମୁରଲୀଧର ଦାସ, ଯୁଧିଷ୍ଠିର ସ୍ୱାଇଁ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ଅବସରରେ ପିଜୁଳି, ଅଁଳା, ଆକାଶି, ସୁନାରୀ, ଲେମ୍ବୁ, ଶିଶୁ ଆଦି ବୃକ୍ଷର ଚାରାରୋପଣ କରିଥିଲେ।

# ସ୍କାନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ



ସମ୍ବଲପୁର (ପିଏନ୍): ସୋସିଆଲ ଏଣ୍ଡ କଲଚରାଲ ଏଡଭାନ୍ସ ନେଟୱାର୍କ (ସ୍କାନ) ପକ୍ଷରୁ ଦୁର୍ଗାପାଲି ସ୍ଥିତ ଖଡିଆପଡ଼ା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟିକା ଡକ୍ଟର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ। ସ୍କାନର ଅଧକ୍ଷ ସୁଧାଂଶୁ ଶେଖର ମହାରଣା ସଭା ପ୍ରାରମ୍ଭରେ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଦୁର୍ଗାପାଲି ଗ୍ରାମ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମସ୍ତ ଅତିଥିମାନଙ୍କ ସହ ସ୍କାନର ସଦସ୍ୟଗଣ ଏବଂ ଖଡିଆପଡ଼ା ଓ ଦୁର୍ଗାପାଲି ଗ୍ରାମବାସୀମାନେ ମିଳିତ ଭାବେ ୧୫୦ ଚାରା ରୋପଣ କରିଥିଲେ। ଏଥିରେ ଆମ୍ବ, ନିମ୍ବ, ଜାମୁ, ବେଲ, କୃଷ୍ଣଚୁଡ଼ା ପ୍ରଭୃତି ଚାରା ରୋପଣ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ନିମନ୍ତେ 'ସ୍କାନ' ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ ବାବୁ, ବିଜୁ ଜନତାଦଳ ମହାନଗର ସଭାପତି ପ୍ରଫୁଲ୍ଲ ଦାସ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଓବିସି ମଂଚ ଆବାହକ ସରୋଜ ସାହୁ, ଡକ୍ଟର ସଂଯୁକ୍ତା ମେହେର, ତ୍ରିବେଣୀ ପଣ୍ଡା, ଶାନ୍ତି କର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପାଲି ଗ୍ରାମର ବରିଷ୍ଠ ନାଗରିକ ଦ୍ୱାରିକା ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସେଠ, ଚୈତନ୍ୟ ମେହେର, ଜୟମଙ୍ଗଳ ସାହୁ, ଯୋଗେଶ୍ୱର ବନଛୋର, ରାଜାରାମ ବାରିକ, ଜହର ମଣ୍ଡଳ, ରାଧେଶ୍ୟାମ ବାରିକ, ଆଲୋକ ମିଶ୍ର, ଡମ୍ବରୁ ଖଡିଆ, ଗୋପୀ ଖଡିଆ ପ୍ରମୁଖଙ୍କ ସହଯୋଗରେ ସ୍କାନ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟକୁମାର ପଣ୍ଡା, ଜିତେନ୍ଦ୍ର ପାତ୍ର, ପ୍ରଦ୍ୟୁମ୍ନ ସେଠୀ, ଅମ୍ବୁଜ ନାଏକ, ଚିତରଂଜନ ପଣ୍ଡା, ଦିନରଂଜନ ଦାସ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ 'ସ୍କାନ'ର ସଂପାଦକ କୁଳଶେଖର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦ୍ରାପଡାରେ ଅଗଷ୍ଟ କ୍ରାନ୍ତୀ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗରାପୁର ଡାକବଙ୍ଗଳା ପରିସରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଅଗଷ୍ଟକ୍ରାନ୍ତୀ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଡାକବଙ୍ଗଳା ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାର୍ଲାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ପରିଷଦର ସଭାପତି ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ଡଃ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ୧୯୪୨ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସମଗ୍ର ଭାରତ ବର୍ଷର ଲୋକମାନେ ବ୍ୟାପକ ଗଣ ଆନ୍ଦୋଳନ କରିବା ଫଳରେ ବ୍ରିଟିସ ସରକାର ଭାରତ ଛାଡିବାକୁ ବାଧ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରଭାବ କିଭଳି ସମଗ୍ର ଭାରତବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲା ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ,କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ନଗରପାଳ ଧିରେନ ସାହୁ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, କରୁଣାକର ଦାସ, ଶିବ ପ୍ରସାଦ ଭଳ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଦୁଷ୍ମନ୍ତ ମଲିକ,ବିଜେଡି ନଗର ଆଇଟି ସେଲର ଦେବେନ୍ଦ୍ର ଦାସ, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟ, ଅମୀୟ ନାୟକ, ବୈଷ୍ଣବ ସ୍ୱାଇଁ, ରଞ୍ଜନ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାର ବିକାଶ ପାଇଁ ପ୍ରଫେସର ପରିଡା ଓ ଅଧାପକ ସାମଲ ପ୍ରମୁଖ କେନ୍ଦ୍ରାପଡାରେ ମେଡିକାଲ କଲେଜ, ବିଶ୍ୱ ବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଏବଂ କେନ୍ଦ୍ରାପଡା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ନିମନ୍ତେ ସମସ୍ତଙ୍କୁ ଏକଜୁଟ ହୋଇ ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟିକା ଡଃ. ମଲ୍ଲିକ ଓ ସାହିତ୍ୟିକ ଡଃ. ଦାସ ସରକାରଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଜନଜାଗରଣ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ମୃତି କମିଟି ସଂଯୋଜକ ଡଃ. ଗଦାଧର ମଲ୍ଲିକ ଓ ଆବାହକ ରାଜେଶ ପଣ୍ଡା ସଭାପରିଚାଳନା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସଭାର ସଫଳତା କାମନା କରି ଏକ ବାର୍ତ୍ତା ପଠାଇଥିଲେ। ଶେଷରେ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରାନ୍ତି ଦିବସରେ କଂଗ୍ରେସ ପକ୍ଷରୁ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ

କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅଗଷ୍ଟ ୯କ୍ରାନ୍ତି ଦିବସ ଉପଲକ୍ଷେ କେନ୍ଦ୍ରାପଡାର ଗରାପୁର ଡାକବଙ୍ଗଳା ଛକସ୍ଥିତ ଗାନ୍ଧୀ ମୂର୍ତ୍ତି ଓ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ, ଇଛାପୁର ଆର.ଡି ଅଫିସ ଛକ, ଭାସ୍କର ଟକିଜ ସନ୍ନିକଟ ଓ କଂଗ୍ରେସ ଭବନ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମହାତ୍ମା ଗନ୍ଧୀଙ୍କ କର ବା ମର ଆହ୍ୱାନକୁ ସ୍ମରଣ କରିବା ସହ ରାଜ୍ୟ ତଥା ଦେଶର ପୁନଃ ନିର୍ମାଣ ପାଇଁ ଶପଥ ଗ୍ରହଣ କରାଯାଇଥିଲା। ପୁର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଦେଶବାସୀ ଆଉ ଏକ ମହାସଂଗ୍ରାମ ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ନିଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରସ୍ତାବିତ ସ୍ୱାଧିନତା ସ୍ମାରକୀ ପଦଯାତ୍ରା ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଶ୍ରୀ ବେହେରା କଂଗ୍ରେସ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପ୍ରଫୁଲ ଦାସ, ଆକବର ଅଲ୍ଲୀ, ପ୍ରଦୀପ ମହାନ୍ତି, ମୁକ୍ତାର ଖାଁ, ଚିତ୍ରସେନ ପରିଡା, ସଂଜୟ ରାଉତ, ଯୁବକଂଗ୍ରେସ ନେତା ରତିକାନ୍ତ ସାମଲ, ଧରଣୀ ଧର ସୁଆର, ନଳୀନି କାନ୍ତ ମହାନ୍ତି, ନରେଶ ଜେନା, ରଜନୀ କାନ୍ତ ନାୟକ, ଗୌଉମ ପ୍ରଧାନ, ଶେଖ୍ ସରାଫତ, ଶେଖ୍ ହବୋ, ଶେଖ୍ ବାବୁ ପ୍ରମୁଖ ସାମିଲ ହୋଇଥିଲେ।

# ଟାଉନଥାନା ପୋଲିସ ପକ୍ଷରୁ ବ୍ରାଉନ୍‌ସୁଗାର ଜବତ ଓ ୩ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ବଡହାଟ ନିକଟସ୍ଥ କେନାଲ କୂଳରୁ ଟାଉନ ଥାନା ପୋଲିସ ଦ୍ୱାରା ବ୍ରାଉନ୍‌ସୁଗାର ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନଙ୍କ ନିକଟରୁ ୯.୫୭ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଗିରଫ ହୋଇଥିବା ଆସାମୀମାନେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ୍ ରହିଲ୍, ମହମ୍ମଦ୍ ଇନଜାମୁଲ୍ ହକ୍ ଓ ବଡହାଟ ଗ୍ରାମର ସେକ୍ ଅରସାଦ୍। ଏହି ତିନିଜଣ ବହୁଦିନ ଧରି ବ୍ରାଉନ୍‌ସୁଗାର ବିକ୍ରି କରିବା ସହିତ ସେବନ କରୁଥିଲେ ବୋଲି ଟାଉନ୍‌ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ସୂଚନା ଦେଇଛନ୍ତି।

# ବେକରେ ରଶି ଲଗାଇ ନାବାଳିକାଙ୍କ ଅତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ବ୍ରାହ୍ମଣଦା ଗ୍ରାମରେ ଜଣେ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ ବ୍ରାହ୍ମଣଦା ଗ୍ରାମର ସୁବାସ ଚନ୍ଦ୍ର ବରାଳ ଓ ସମିତିସଭ୍ୟା ତିଳୋତମା ବରାଳଙ୍କ ଝିଅ ସମୀକ୍ଷା ବରାଳ (୧୭)। ସେ ଜାରକାସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଥିବା ବେଳେ ଚଳିତ ଥର ସେ +୨ କଳାର ଶେଷ ବର୍ଷ ପରୀକ୍ଷାଦେଇ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ତେବେ କୌଣସି କାରଣରୁ ନିଜ ଘରେ ବେକରେ ରଶି ଲଗାଇ ସିଲିଂ ଫ୍ୟାନରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଡାକ୍ତରଖାନାରେ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବଡଚଣା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରେ ଆମ ଓଡିଶା ନବୀନ ଓଡିଶାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ):- ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଂଚାୟତ, ପ୍ରତି ଗାଁ। ଆଜି ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ପଂଚମ ଦିନରେ ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରତି ପଂଚାୟତ ପାଇବେ ୫୦ ଲକ୍ଷ ଟଙ୍କା । ଏଥିପାଇଁ ଖୋର୍ଦ୍ଧା ଜିଲ୍ଲାର ୭ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୯୫ କୋଟି ଟଙ୍କା । ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ଜୟଦେବ, ଭୁବନେଶ୍ୱର ଉତର, ଏକାମ୍ର ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା । ଏହିସବୁ ନିର୍ବାଚନମଣ୍ଡଳୀର ୧୦ଟି ବ୍ଲକ୍ ରେ ୧୯୦ଟି ଗ୍ରାମ ପଂଚାୟତରେ ୨୭୬୩ଟି ପ୍ରକଳ୍ପ ହେବ। ସେହିପରି ଜଗତସିଂହପୁର ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୯ କୋଟି ଟଙ୍କା ମଂଜୁର ହୋଇଛି। ଏହିସବୁ ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ପାରାଦୀପ, ତିର୍ତୋଲ, ବାଲିକୁଦା-ଏରସମା ଓ ଜଗତସିଂହପୁର। ଏଥିରେ ୮ଟି ବ୍ଲକ୍ ର ୧୯୮ଟି ଗ୍ରାମପଂଚାୟତରେ ୨୯୨୨ ଟି ପ୍ରକଳ୍ପ କରାଯିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଂଟି । ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଂଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ।

୫ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ସେ କହିଲେ ଯେ 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ତଥା ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକରାଜେନ୍ଦ୍ର କୁମାର ସାହୁ, ବିଧାୟକ ଅରବିନ୍ଦ ଢାଲି, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ,ବିଧାୟକସୁଶାନ୍ତ ରାଉତ, ବିଧାୟକ ରଘୁନନ୍ଦନ ଦାସ, ବିଧାୟକ ବିଜୟ ଶଂକର ଦାସ, ବିଧାୟକ ସମ୍ବିତ ରାଉତରାୟଙ୍କ ସମେତ ଜିଲ୍ଲାପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଂଚ ପ୍ରମୁଖ ଆଭାସୀ ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଥିଲେ ।

ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ୮ଟି ପ୍ରକଳ୍ପ ପାଇଁ ୩୪.୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ସହିତ ବେଗୁନିଆ ହସ୍‌ପିଟାଲକୁ ଉପଖଣ୍ଡ ହସ୍‌ପିଟାଲ ଭାବେ ଉନ୍ନୀତ କରିବା ପାଇଁ ମଧ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି ବୋଲି ସେ ସୂଚନା ଦେଇଥିଲେ । ସେହିପରି ବୋଲଗଡର ପରମାନନ୍ଦ ମହାବିଦ୍ୟାଳୟର ରୂପାନ୍ତର ପାଇଁ ୨.୨୫ କୋଟି ଟଙ୍କା ଓ ବେଗୁନିଆ କଲେଜ ପାଇଁ ୧.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ । ସେହିପରି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୫୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଏଥିରେ ବରମୁଣ୍ଡା ବସ୍ ? ଟର୍ମିନାଲ ସହିତ ବିଜେବି କଲେଜ, ରାଜଧାନୀ କଲେଜ ଓ କମଳାନେହେରୁ କଲେଜର ରୂପାନ୍ତର ପାଇଁ ୬.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସେହିପରି ଜୟଦେବ ନିର୍ବାଚନ ମଣ୍ଡଳୀରେ ୧୧ଟି ପ୍ରକଳ୍ପ ପାଇଁ ୧୬୮.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ ଶିଶୁଅନନ୍ତ ମହାବିଦ୍ୟାଳୟ, ପ୍ରତାପ ଶାସନ କଲେଜ, ବୁଦ୍ଧନାଥ ମନ୍ଦିର, କୁଆଖାଇ ଜଗନ୍ନାଥ ମନ୍ଦିର ଓ ଶିଶୁ ଅନନ୍ତ ପୀଠର ରୂପାନ୍ତର ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ଖୋର୍ଦ୍ଧା ଜିଲ୍ଲାରେ ୮ଟି ପ୍ରକଳ୍ପ ପାଇଁ ୪୦.୬୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ ପାଇକ ଏକାଡେମୀ ତଥା ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ପ୍ରାଣନାଥ କଲେଜ, ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜ ଓ କାଇପଦର ଶ୍ରୀଜଗନ୍ନାଥ ମନ୍ଦିରର ରୂପାନ୍ତର ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇଛି । ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୨୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥିରେ ବିଜୁ ପଟ୍ଟନାୟକ କଲେଜ, ଜୟଦେବ କଲେଜ ଓ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ଚିଲିକା ନିର୍ବାଚନ ମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୬୨.୪୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥିରେ ଶ୍ରୀ ଚଣ୍ଡେଶ୍ୱର ଦେବ ମନ୍ଦିର, ଗୋଦାବରିଶ ମହାବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ଜଟଣୀ ନିର୍ବାଚନମଣ୍ଡଳୀରେ ୮ଟି ପ୍ରକଳ୍ପ ପାଇଁ ୨୮୧.୧୪ କୋଟି ଟଙ୍କା ମଂଜୁର ହୋଇଥିବା ବେଳେ ଜଟଣୀ କଲେଜର ରୂପାନ୍ତର ଏବଂ ବିଭିନ୍ନ ବେସରକାରୀ ଗୃହନିର୍ମାଣ ପ୍ରକଳ୍ପ ଗୁଡିକୁ ରାସ୍ତା ସଂଯୋଗ ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ଏହାସହିତ ଜଟଣୀ ଓ ଖୋର୍ଦ୍ଧାର ଖାସମାହାଲ ଜମି ଗୁଡିକର ସମାଧାନ କରି ପଟ୍ଟା ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ । ବେସରକାରୀ ଗୃହ ନିର୍ମାଣ ପ୍ରକଳ୍ପ ଗୁଡିକୁ ରାସ୍ତା ସଂଯୋଗୀକରଣ ଯୋଗୁ ଦେଢ ଲକ୍ଷ ଲୋକ ଉପକାର ପାଇବେ ବୋଲି ସେ ସୂଚନା ଦେଇଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୫୭ଟି ପ୍ରକଳ୍ପ ପାଇଁ ୧୧୬୦.୫୦ କୋଟି ଟଙ୍କା ମଂଜୁର କରାଯାଇଛି ।

ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ନିର୍ବାଚନମଣ୍ଡଳୀରେ ୧୫ଟି ଶିକ୍ଷାନୁଷ୍ଠାନ ପାଇଁ ୧୦ କୋଟି ଓ ୯୧ଟି ଧାର୍ମିକ ଅନୁଷ୍ଠାନ ରୂପାନ୍ତର ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହାସହିତ ସ୍ୱାମୀ ବିବେକାନନ୍ଦ କଲେଜ, ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଓ ମାଛଗାଁ ମୁଖ୍ୟ କେନାଲ ଉପରେ ବକସ କ୍ୟାଣ୍ଟିଟ୍ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩୧.୨୫ କୋଟି ଟଙ୍କା ମଂଜୁର କରାଯାଇଛି । ବାଲିକୁଦା ନିର୍ବାଚନ ମଣ୍ଡଳୀରେ ୭ଟି ପ୍ରମୁଖ ପ୍ରକଳ୍ପ ପାଇଁ ୪୯.୬୨ କୋଟି ଟଙ୍କା ମଂଜୁର କରାଯାଇଛି । ଏଥିରେ ଏରସମା କୁଞ୍ଜବିହାରୀ ମନ୍ଦିର, ବନ୍ଦର ପର୍ଯ୍ୟଟନ ପ୍ରକଳ୍ପ, ବାଲିକୁଦା ଡିଗ୍ରୀ କଲେଜ, ଶିଆଳୀ ବେଳାଭୂମୀର ଉନ୍ନତିକରଣ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ଏହାସହିତ ୭୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର ଉନ୍ନତିକରଣ ପାଇଁ ୧୧.୫୨ କୋଟି ଟଙ୍କା ମଂଜୁର କରାଯାଇଛି । ତିର୍ତୋଲ ନିର୍ବାଚନମଣ୍ଡଳୀରେ ୮ଟି ପ୍ରମୁଖ ପ୍ରକଳ୍ପ ପାଇଁ ୨୭.୪୫ କୋଟି ଟଙ୍କା ମଂଜୁର କରାଯାଇଛି । ଏଥିରେ ପଞ୍ଚଶଖା ଧାନପୀଠ, ଶ୍ରୀ ଶ୍ରୀ ଗୋରଖନାଥ ମନ୍ଦିର, ଧଳତାନଗଡ ଜୈବ ବିବିଧତା ପ୍ରକଳ୍ପ, ଆଦିକବି ସାରଳା ଦାସ ଡିଗ୍ରୀ କଲେଜ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ଏହାସହିତ ୧୨୧ଟି ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକ ଅନୁଷ୍ଠାନ ପାଇଁ ୧୩.୨୫ କୋଟି ଟଙ୍କା ମଂଜୁର କରାଯାଇଛି। ପାରାଦୀପ ନିର୍ବାଚନମଣ୍ଡଳୀରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୪.୫୮ କୋଟି ଟଙ୍କା ମଂଜୁର କରାଯାଇଛି।

## ଜୁଆଙ୍ଗ ମୃତ୍ୟୁ ରାଜ୍ୟ ସରକାରଙ୍କ ସମ୍ବେଦନହୀନତାର ପ୍ରତିଫଳନ: ବିଜେପି

ଭୁବନେଶ୍ୱର, (ପି.ଏନ): ସରକାରୀ ଅବହେଳା ଓ ପ୍ରଶାସନିକ ଉଦାସିନତା ଯୋଗୁଁ କେନ୍ଦୁଝର ଜିଲ୍ଲା ସମେତ ସମଗ୍ର ଓଡିଶାର ଆଦିବାସୀ ଜନଜାତିଙ୍କ ପାଇଁ ବିକାଶ ଅପହଂଚ ରହିଛି। ଗୋଟିଏ ମାସରେ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଜନ୍ତାରୀ ଗାଁରେ ୧୧ଜଣ ଜୁଆଙ୍ଗ ଜନଜାତିଙ୍କ ମୃତ୍ୟୁ ଘଟିଛି। ଓଡିଶାରେ ୧୩ଟି ପିଭିଟିଜି ଜନଜାତି ଗୋଷ୍ଠୀ ଉପଲବ୍ଧ। ଜୁଆଙ୍ଗ ଜନଜାତି ତନ୍ମଧ୍ୟରୁ ଅନ୍ୟତମ। ସରକାରୀ ସଂରକ୍ଷଣ ଓ ସାମାଜିକ ଆରକ୍ଷଣ ଅଭାବରେ ଏହି ଜନଗୋଷ୍ଠୀ ସମୁହ ଧରାପୃଷ୍ଠରୁ ଲୁପ୍ତ ହୋଇଯିବାର ସମ୍ଭାବନା ଥିବା ଯୋଗୁଁ ଏମାନଙ୍କ ପାଇଁ ବିଶେଷ ସାମ୍ବିଧାନିକ ବ୍ୟବସ୍ଥା ରହିଛି। ଦେଶର ଖଣିଜ ପାଣ୍ଠିରୁ ସର୍ବାଧିକ ପ୍ରାୟ ୧୦, ୨୫୮କୋଟି ଟଙ୍କା କେନ୍ଦୁଝର ଜିଲ୍ଲାରୁ ଆଦାୟ ହୋଇଥାଏ। ଏହି ଅର୍ଥରେ ଜିଲ୍ଲାକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରି ହେଉଥିବା ଜିଲ୍ଲା ପ୍ରଶାସନ ଦାବି କରେ।

# ଆରୋହଣ ଅନାବରଣ କଲା ଆର୍ଥିକ ପାର୍ବଣ: ୨୦୨୩ ନଭେମ୍ବର ୩୦ ପର୍ଯ୍ୟନ୍ତ ଋଣ ବୋନା

ଭୁବନେଶ୍ୱର: ଏୟୁଏମ୍ (ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ) ୬,୦୦୦ କୋଟି ଟଙ୍କାରୁ ଅଧିକ ଥିବା ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଆରୋହଣ ଫାଇନାନ୍‌ସିଆଲ ସର୍ଭିସେସ୍, ଚଳିତ ବର୍ଷ ନଭେମ୍ବର ୩୦ ପର୍ଯ୍ୟ' ଏହାର ସମ୍ପ୍ରତି ରହିଥିବା ଗ୍ରାହକମାନଙ୍କ ସକାଶେ ଟପ୍-ଅପ୍ କ୍ରେଡିଟ ସେବାଗୁଡିକର ଏକ ପାର୍ବଣ ଆରମ୍ଭ କରିଛି, ଯାହା ଏକ ଉନ୍ନତ ଜୀବନଧାରଣ ନିମନ୍ତେ ସେମାନଙ୍କର ବ୍ୟବସାୟରେ ଅଧିକ ନିବେଶ ଦ୍ୱାରା ଉତ୍ସବ ପାଳନ ଓ ସମୃଦ୍ଧି ଆଣିବା ସକାଶେ ଏହି ପାର୍ବଣ ଏକ ଉପଯୁକ୍ତ ସମୟ ବୋଲି ସୁନିଶ୍ଚିତ କରୁଛି।

ଏହି ପାର୍ବଣ ସମୟରେ ଆରୋହଣ ଗ୍ରାହକମାନେ ସ୍ୱାଭାବିକ ପରିମାଣ ଆକାର ଠାରୁ ଉର୍ଦ୍ଧ୍ୱକୁ ୧୦,୦୦୦ ଟଙ୍କାରୁ ୧୫,୦୦୦ ଟଙ୍କା ପର୍ଯ୍ୟ' ଟପ୍-ଅପ୍ ଋଣ ପାଇପାରିବେ, ଯାହା କମ୍ପାନୀର ଛାମୁଆ ଉତ୍ପାଦ 'ସରଳ' ଅଧୀନରେ ସ୍ୱାଭାବିକ ପରିମାଣ ୨୫,୦୦୦ ଟଙ୍କାରୁ ୭୫,୦୦୦ ଟଙ୍କା ପର୍ଯ୍ୟ' ହୋଇଥାଏ। ଏହା ଗ୍ରାହକମାନଙ୍କ ନିମନ୍ତେ ଦ୍ୱିତୀୟ ଋଣ ଚକ୍ରରେ ଏବଂ ତତ୍‌ପରବର୍ତ୍ତୀ ସମୟରେ ଯୋଗାଇ ଦିଆଯାଉଛି, ଯେଉଁମାନେ ସମୟବଦ୍ଧ ଭାବରେ ସର୍ବନିମ୍ନ ୬ଟି ମାସିକ କିସ୍ତି ପୈଠ କରିଛନ୍ତି ଏବଂ ଆଉ ସେମାନଙ୍କର ୧୨ଟି କିସ୍ତି ବାକି ରହିଛି। ଆରୋହଣ ବନ୍ଧକ-ମୁକ୍ତ ଋଣ ଉପସ୍ଥାପନ କରୁଛି ଯେଉଁଥିରେ ଉଲ୍ଲେଖନୀୟ ଭାବରେ କମ୍ ସୁଧହାର ରହିଛି।

ଆରୋହଣ ଫାଇନାନ୍‌ସିଆଲ ସର୍ଭିସେସ୍ ଏହା ହୃଦୟଙ୍ଗମ କରିଛି ଯେ ସ୍ୱାଚ୍ଛନ୍ଦ୍ୟ ହେଉଛି ମୂଳକଥା। ଗ୍ରାହକମାନେ ସେମାନଙ୍କର ମାସିକ କିସ୍ତି ୟୁପିଆଇ ଏବଂ ଅନ୍‌ଲାଇନ ପେମେଣ୍ଟ ପଦ୍ଧତିରେ ପୈଠ କରିପାରିବେ। ଗ୍ରାହକମାନେ ସେମାନଙ୍କର ଆର୍ଥିକ ବ୍ୟବସ୍ଥାକୁ ପରିଚାଳନା କରିବା ସକାଶେ କମ୍ପାନୀ ପୂର୍ବାପେକ୍ଷା ଏହାକୁ ସହଜ କରିଛି ଏବଂ ଏଥିପାଇଁ ସେମାନଙ୍କୁ ସର୍ବୋତ୍ତମ ସୁହାଇଲା ଭଳି ଉପାୟରେ କିସ୍ତି ପୈଠ କରିବାକୁ ସୁଯୋଗ ଦେଉଛି। ଅଧିକ ସ୍ୱଚ୍ଛତା ଏବଂ ସୁଲଭତା ନିମନ୍ତେ ଗ୍ରାହକମାନେ ଏବେ ଅପନା ଆରୋହଣ ଗ୍ରାହକ ଆପ୍ ଜରିଆରେ ସେମାନଙ୍କର ଋଣ ଖାତା ଯାଞ୍ଚ କରିପାରିବେ, ଯାହା ଗ୍ରାହକଙ୍କ ସୁବିଧା ନିମନ୍ତେ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେଉଛି।

'ଆମେ ଚାହୁଁଛୁ ଆମ ଗ୍ରାହକମାନେ ସେମାନଙ୍କର ବ୍ୟବସାୟିକ କାର୍ଯ୍ୟକଳାପ ଏହି ପାର୍ବଣ ଋତୁରେ ଅଧିକ ଦକ୍ଷତାର ସହିତ ପରିଚାଳନା କରନ୍ତୁ। ଆମର ବିଶ୍ୱାସ ଏହି ସମସ୍ତ ଅଫର୍ ସେମାନଙ୍କୁ ପାର୍ବଣ ଋତୁରେ ଅଧିକ ବ୍ୟବସାୟିକ ଚାହିଦା ପରିପ୍ରେକ୍ଷୀରେ ସେମାନଙ୍କର ଆବଶ୍ୟକତାକୁ ସମର୍ଥନ କରିବାକୁ ପ୍ରସ୍ତୁତ କରିବ ଏବଂ ଏଥିରୁ ପୂର୍ଣ୍ଣ ଫାଇଦା ଉଠାଇବ। ଆମର ଲକ୍ଷ୍ୟ ହେଉଛି ଆମ ଗ୍ରାହକମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଜୀବିକା ଉପାର୍ଜନ ସାଧନକୁ ମଜଭୁତ କରିବା,' ବୋଲି ସୁମିତ ମୁଖାର୍ଜୀ, ଚିଫ୍ ବିଜିନେସ୍ ଅଫିସର, ଆରୋହଣ ଫାଇନାନ୍‌ସିଆଲ ସର୍ଭିସେସ୍ ଲିମିଟେଡ କହିଛନ୍ତି।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ କଟକର ବାଇକାଥନ୍ ଆୟୋଜନ

କଟକ,(ପି.ଏନ): ଅକ୍ଟୋବରରେ ସ୍ତନ କର୍କଟ ସଚେତନତା ମାସ ପାଳନ କରି ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ, କଟକ ସ୍ତନ କର୍କଟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ଏକ ବାଇକାଥନ୍ ଆୟୋଜନ କରିଥିଲା। ପ୍ରଫେସର ଡା.କୃପାସିନ୍ଧୁ ପଣ୍ଡା (ମେଡିକାଲ ଡାଇରେକ୍ଟର, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ) ଏବଂ ଶ୍ରୀ ଶାନ୍ତନୁ ଦାସ, (ସିଓଓ, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ) ଏହି ବାଇକାଥନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଅଂଶଗ୍ରହଣକାରୀମାନେ ତେଲେଙ୍ଗାପେଣ୍ଠରୁ ନନ୍ଦନକାନନ ଯାଇ ପୁଣି ତେଲେଙ୍ଗାପେଣ୍ଠକୁ ଫେରିବା ସହିତ ମୋଟ ୪୫ କିଲୋମିଟର ଯାତ୍ରା କରିବା ଅବସରରେ ଏହି କାରଣ ପାଇଁ ଏକଜୁଟତା ପ୍ରଦର୍ଶନ କରିଥିଲେ। ସକାଳ ୭ଟାରେ ବାଇକାଥନ୍ ଆରମ୍ଭ ହୋଇଥିଲା ଏବଂ ଏଥିରେ ୧୦୦ରୁ ଅଧିକ ବାଇକର୍ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଗୋଷ୍ଠୀ ନିୟୋଜନତାର ଉତ୍ସାହକୁ ପ୍ରଦର୍ଶନ କରିଥିଲା ଏବଂ ପ୍ରାରମ୍ଭିକ ସ୍ତରରୁ ସ୍ତନ କର୍କଟ ଚିହ୍ନଟ ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ଉଲ୍ଲେଖନୀୟ ପ୍ରୟାସ କରିଥିଲା, ଏବଂ ଏହାଦ୍ୱାରା ସ୍ତନ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ଜ୍ଞାନରେ ସଶକ୍ତ କରାଇଥିଲା। ଏହି ଉପଲକ୍ଷେ ଏକ ସମାବେଶକୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରତୀକ ଜୈନ, ରିଜିଓନାଲ ବିଜିନେସ୍ ହେଡ- ଇଷ୍ଟ ଆଣ୍ଡ ଏପି, ହେଲ୍‌ଥକେୟାର ଗ୍ଲୋବାଲ ଏଣ୍ଟରପ୍ରାଇଜେସ୍ ଲିମିଟେଡ କହିଥିଲେ, ନ୍ତଆଦ୍ୟ ଅବସ୍ଥାରେ ଚିହ୍ନଟ କରାଗଲେ ସଫଳତାର ସହିତ ଚିକିତ୍ସା କରାଯାଇପାରୁଥିବା ସ୍ତନ କର୍କଟକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ଏହି ବାଇକାଥନ୍ ଆୟୋଜନର ଲକ୍ଷ୍ୟ ଥିଲା। ବାଇକାଥନ୍ ଅତ୍ୟନ୍ତ ସଫଳ ହୋଇଥିଲା, ଏହାର ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ସମୁଦାୟ କାର୍ଯ୍ୟକ୍ରମ ଅବସରରେ ଅତ୍ୟନ୍ତ ଆଗ୍ରହ ଏବଂ ଦୃଢ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ଏବଂ ଉଭୟ ଅଂଶଗ୍ରହଣକାରୀ ଏବଂ ମୋଟ ଉପରେ ଜନସାଧାରଣଙ୍କୁ ପ୍ରେରଣା ପ୍ରଦାନ ପାଇଁ ଆମେ ଶ୍ରୀମତୀ ଅମିତାଙ୍କ ନିକଟରେ କୃତଜ୍ଞ।ନ୍ତଶ୍ରୀ ଶାନ୍ତନୁ ଦାସ, ଚିଫ୍ ଅପରେଟିଂ ଅଫିସର, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ କହିଥିଲେ, ନ୍ତଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲରେ ଚିକିତ୍ସା ଉର୍ଦ୍ଧ୍ୱରେ ଏକ ସକରାତ୍ମକ ପ୍ରଭାବ ପକାଇବା ଆମର ପ୍ରବୃତ୍ତି ହୋଇଛି। ସ୍ତନ କର୍କଟର ମୁକାବିଲା କ୍ଷେତ୍ରରେ ଏହି ବାଇକାଥନ୍ ପ୍ରୟାସ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି। ଆମର ବିଶ୍ୱାସ ଯେ ସମ୍ମିଳିତ ଭାବରେ ସଚେତନତା ସୃଷ୍ଟି ଏବଂ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ ଦ୍ୱାରା ଆମେ ଏହି ରୋଗରେ ଆକ୍ରାନ୍ତ ଲୋକଙ୍କ ଜୀବନରେ ବାସ୍ତବରେ ରୂପାନ୍ତରଣ ଆଣିପାରିବୁ। ଏହି ଅର୍ଥପୂର୍ଣ୍ଣ ଯାତ୍ରାରେ ଆମ ସହିତ ଯୋଗଦେବାକୁ ଆମେ ପ୍ରତ୍ୟେକଙ୍କୁ ଉତ୍ସାହିତ କରୁଛୁ, କାରଣ ପ୍ରତିଟି ପ୍ରଚେଷ୍ଟା ଆମକୁ ଏକ ସ୍ତନ କର୍କଟମୁକ୍ତ ବିଶ୍ୱ ଆଡକୁ ଗୋଟିଏ ପାଦ ନିକଟତର କରାଉଛି।ନ୍ତଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଡା.କୃପାସିନ୍ଧୁ ପଣ୍ଡା, ମେଡିକାଲ ଡାଇରେକ୍ଟର, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ, କହିଥିଲେ, ନ୍ତସ୍ତନ କର୍କଟ ଏକ ବୈଶ୍ୱିକ ଆହ୍ୱାନ, ଯାହା ନିୟୁତ ନିୟୁତ ସଂଖ୍ୟକ ଲୋକଙ୍କୁ ଆକ୍ରାନ୍ତ କରୁଛନ୍ତି। ନିୟମିତ ନିଜ ଦ୍ୱାରା ଯାଞ୍ଚ ଏବଂ ତନଖି ଏହି ରୋଗର ଆଦ୍ୟାବସ୍ଥାରେ ଚିହ୍ନଟ ଏବଂ ଜୀବନ ବଞ୍ଚାଇବା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ତନ କର୍କଟରେ ଆକ୍ରାନ୍ତ ମହିଳାମାନଙ୍କୁ ସମର୍ଥନ, ଶିକ୍ଷିତ ଏବଂ ସଶକ୍ତ କରାଇବା ଆମର ଲକ୍ଷ୍ୟ। ଏହିଭଳି କାର୍ଯ୍ୟକ୍ରମଗୁଡିକ ଆୟୋଜନ କରିଭ। ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ ସ୍ତନ କର୍କଟ ସମ୍ପର୍କିତ ସଚେତନତା, ଆଦ୍ୟାବସ୍ଥାନରେ ଚିହ୍ନଟ ଏବଂ ପୂର୍ଣ୍ଣାଙ୍ଗ ଯତ୍ନ ନିମନ୍ତେ ପ୍ରୟାସ କରୁଛି। 'ଆଦ୍ୟ ଚିହ୍ନଟ ହେଉଛି ଆରୋଗ୍ୟ' ମନ୍ତ୍ରକୁ ଅନୁସରଣ କରି ଏହି କାର୍ଯ୍ୟକ୍ରମ ସହରରେ 'ବାଇକାଥନ୍' ଆୟୋଜନ ଜରିଆରେ ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ଦିଗରେ ଜନସାଧାରଣଙ୍କୁ ନିୟୋଜିତ କରିବାକୁ ଏକ ମଞ୍ଚ ଯୋଗାଇ ଦେଇଥିଲା। ଏଥିସହିତ ଏକ ସୁସ୍ଥ ଏବଂ ଅଧିକ ସଚେତନ ସମାଜ ଗଠନ ଦିଗରେ ସମ୍ପ୍ରତି ଚାଲିଥିବା ପ୍ରୟାସଗୁଡିକରେ ଏହା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Sunday November 05, 2023 ଭୁବନେଶ୍ୱର ରବିବାର, ନଭେମ୍ବର ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଇତିହାସ ବିଭାଗର ପାଠ ଚକ୍ର ଏବଂ ନବାଗତ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସେମିଳିଗୁଡା ,(ପି.ଏନ): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ର ଇତିହାସ ବିଭାଗ ତରଫ ରୁ 'ଲୁକ୍କାୟତ ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷ' ବିଷୟ ବସ୍ତୁକୁ ନେଇ ଏକ ଆଲୋଚ଼ନା ଚ଼କ୍ର ର ଆୟୋଜନ ସହିତ ବିଭାଗର ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମହାବିଦ୍ୟାଳୟ ପରିଚ଼ାଳନା କମିଟି ର ସଭାପତି ଡକ୍ଟର ଉମାଶଙ୍କର ପ୍ରସାଦ ପାତ୍ର ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ସହିତ ଛାତ୍ରୀ ମାନଙ୍କୁ ବିଶାଳ ସ୍ୱପ୍ନ ଦେଖି ତା'କୁ ପୂରଣ କରିବା ପାଇଁ ଉପଦେଶ ଦେଇଛନ୍ତି। ଏହା ବ୍ୟତୀତ କ୍ରାନ୍ତିକାରୀ ସଂଗ୍ରାମୀ ଖୁଦିରାମ ବୋଷ ଙ୍କ ଜୀବନୀ ଉପରେ ଆଲୋଚ଼ନା କରିଥିଲେ। ଅଧକ୍ଷା ଉଷାରାଣୀ ଦାସ ସଭା ପରିଚ଼ାଳନା କରିବା ସହ ନବାଗତ ମାନଙ୍କୁ ସ୍ୱାଗତ ଜଣାଇଥିଲେ । ଆଲୋଚ଼ନା ଚ଼କ୍ରରେ ଭାଗ ନେଇ ସହିଦ ଖୁଦିରାମ ବୋଷ, ଅଳ୍ପ ସମୟ ମଧ୍ୟରେ ଦେଶ ପାଇଁ ଦେଇଥିବା ବଳିଦାନ ଉପରେ ଆଲୋଚ଼ନା କରିବା ସହିତ ଓଡ଼ିଶାରେ ଥିବା ଲୁକ୍କାୟିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଲୋକଲୋଚ଼ନ କୁ



ଆଣିବା ପାଇଁ ବିଭିନ୍ନ ପ୍ରଚେଷ୍ଟା କରିବା ସହ ସରକାରଙ୍କୁ ସେମାନଙ୍କ ବିଷୟରେ ପାଠ୍ୟକ୍ରମରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଆଲୋଚ଼ନା ଚ଼କ୍ରର ବିଷୟ ବସ୍ତୁକୁ ସମ୍ପୂର୍ଣ୍ଣ ଭାବେ ବିଶ୍ଳେଷଣ କରିଥିଲେ। ଛାତ୍ରୀ ଟୁନି ପାଦୁଆ, ଉଷା ବାଘ, ରୋଜି ବୈରାଗୀ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ, ଅଧ୍ୟାପକ ଡକ୍ଟର ବାସୁଦେବ ସାହୁ ଅଧ୍ୟାପିକା ସରିତା ପରିଡ଼ା ଏବଂ ଡେମନଷ୍ଟେଟର ଲକ୍ଷ୍ମୀପ୍ରିୟା ଚୌଧୁରୀ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଛାତ୍ରୀ ଉଷା ବାଘ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ସୁମି ହନ୍ତାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱମ୍ଭର ବିଦ୍ୟାପୀଠ ରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପୁରୀ,(ପି.ଏନ): ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆଜି ଏହି ପରିପ୍ରେକ୍ଷୀରେ ବିଶ୍ୱମ୍ଭର ବିଦ୍ୟାପୀଠ ଠାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ଛୋଟ ଛୋଟ ସଚେତନତା ବାର୍ତ୍ତା ମୂଳକ ଭିଡିଓ ମାନ ସ୍ମାର୍ଟ କ୍ଲାସ୍ ରୁମ୍ ରେ ବିଦ୍ୟାର୍ଥୀ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ରବିନ୍ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟର



କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବା ସେ ବିଷୟରେ ବୁଝାଇଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍ ଅଫ୍ ଟୁଇଟର ଆକ୍ଟୀଭିଷ୍ଟସ୍ ର ସଦସ୍ୟମାନେ ପରିଚ଼ାଳନାରେ ସହଯୋଗ କରିଥିଲେ। ଅଗାମୀ ଦିନରେ ପୁରୀ ଜିଲ୍ଲାରେ ଦୁର୍ଘଟଣା ହାର ହ୍ରାସ କରିବାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟ କରାଯିବାକୁ ମଧ୍ୟ ପ୍ରଚେଷ୍ଟା ଜାରୀ ରହିବ ବୋଲି ଆଟାର ସଭାପତି ବିସ୍ମୟ ମିଶ୍ର କହିଛନ୍ତି।

# ଅଦିନିଆ ଝଡ଼ ବର୍ଷ ଯୋଗୁ ଗୋଲାମୁଣ୍ଡା ବ୍ଲକରେ ବ୍ୟାପକ ଫସଲ ହାନି



ଗୋଲାମୁଣ୍ଡା, (ପି.ଏନ) : ଗତକାଲି ଅଦିନିଆ ବର୍ଷା ଓ ଝଡ଼ ଯୋଗୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବଡ଼ଚେରଗାଁ, ଉଛଳା ଓ ଚ଼ହକା ପଞ୍ଚାୟତର ଚ଼ାଷ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଚ଼ାଷୀଙ୍କ ଅଭିଯୋଗ ହୋଇଛି । ଅନେକ ଚ଼ାଷୀଙ୍କ ଧାନ, କପା, ମୁଗ, ବିରି ଆଦି ଫସଲ ମାଟିରେ ମିଶି ଯାଇଥିବା ବେଳେ ଅଧିକାଂଶ ପନି ପରିବା ଚ଼ାଷର ବ୍ୟାପକ କ୍ଷତି ଘଟିଥିବା ଦେଖିବାକୁ ମିଳିଛି । ଏହି ଅଦିନିଆ ଝଡ ତୋଫାନ ସାଙ୍ଗକୁ କୁଆପଥର ବର୍ଷା ଚ଼ାଷୀଙ୍କ ମୁଣ୍ଡରେ ଚ଼ଡକ ହୋଇ ପଡିଛି । ପ୍ରବଳ ବେଗରେ ପବନ ବହିବା ସହ ଘଡ଼ଘଡି ଓ କୁଆପଥର ବର୍ଷାରେ ଅନେକ ଜାଗାରେ ବଡ଼ବଡ଼ ଗଛ ଭାଙ୍ଗିଯାଇଥିବା ବେଳେ ଉଛଳା ପଞ୍ଚାୟତରେ କେତେକ ଲୋକଙ୍କ ବାସଗୃହ ମଧ୍ୟ ଭାଙ୍ଗିଯାଇଥିବାର ସୂଚ଼ନା ମିଳିଛି । ଆକସ୍ମିକ ପ୍ରାକୃତିକ ଦୁର୍ବିପାକରେ ରାସ୍ତାଘାଟରେ ଗଛ ପଡିଥିବାରୁ ଯାତାୟତରେ ବାଧାପ୍ରାପ୍ତ ଘଟିଛି । ସ୍ଥାନୀୟ ଲୋକେ କହିବା ଅନୁଯାୟୀ ହଠାତ ଗତକାଲି କଳାହାଣ୍ଡିଆ ମେଘ ଘୋଟିଆସି ପ୍ରଚ଼ଣ୍ଡ ବେଗରେ ପବନ ବହିବା ସହ ଝଡ଼ ବର୍ଷା ଯୋଗୁ ତିନି ଗୋଟି ପଞ୍ଚାୟତର ଚ଼ାଷ ବାସକୁ ବହୁଳ କ୍ଷତି ପହଞ୍ଚାଇଥିଲା । ଫଳରେ ଅନେକ ଗରିବ ଶ୍ରେଣୀର ଖଟିଖିଆ ଚ଼ାଷୀ ମାନଙ୍କ ପାଇଁ ତାହା ଚ଼ିନ୍ତାର କାରଣ ସାଜିଛି । ଚ଼ାଷୀ କେତେ ଦୁଃଖ କଷ୍ଟରେ ଲୋକଙ୍କ ଠାରୁ ଧାର କରଜ ଆଣି ଚ଼ାଷ କରିଥିଲେ ହେଲେ ଚ଼ାଷୀଙ୍କ ସ୍ୱପ୍ନକୁ ମାଟିରେ ମିଶାଇଦେଇଛି ଅଦିନିଆ ଝଡ଼ ବର୍ଷା । ଉଜୁଡା ଚ଼ାଷ ଯୋଗୁ ତିନି ପଞ୍ଚାୟତର ଚ଼ାଷୀ ମୁଣ୍ଡରେ ହାତଦେଇ ବସିଥିବା ବେଳେ ପରିବାର ପ୍ରତିପୋଷଣ କରିବେ ନା ଆଣିଥିବା କରଜ ସୁଝିବେ ଏହି ଚ଼ିନ୍ତାରେ ଅଛନ୍ତି । ଏ ନେଇ ଚ଼ହକା ଗାଁର ଚ଼ାଷୀ ଈଶ୍ୱର ପୁଟେଲ ଗୋଲାମୁଣ୍ଡା ତହସିଲଦାର ଅଶୋକ ପଟ୍ଟନାୟକ ଓ ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଜଣାଇଥିଲେ କ୍ରମେ ଗୋଲାମୁଣ୍ଡା ବିଡ଼ିଓ ଅକ୍ଷୟମିତା କାର୍ତ୍ତିକ, ତହସିଲଦାର ଅଶୋକ ପଟ୍ଟନାୟକ, ତିନି ରାଜସ୍ୱ ନିରୀକ୍ଷକଙ୍କ ସହିତ କ୍ଷୟକ୍ଷତିର ସମୀକ୍ଷା କରିଥିବା ବେଳେ କଂଗ୍ରେସ ନେତା ତଥା ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଦ୍ଧକ୍ଷ ତୁଲେଶ୍ୱର ନାଏକ କ୍ଷୟକ୍ଷତି ଅଂଚ଼ଳ ପରିଦର୍ଶନ କରିବା ସହ ଚ଼ାଷୀଙ୍କ ପାଇଁ କ୍ଷତି ପୂରଣ ଦାବି କରିଛନ୍ତି । ଖବର ଲେଖିବା ଯାଏଁ ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ତରଫରୁ ରାସ୍ତାରେ ପଡିଥିବା ଗଛ ହଟାଇବା ଓ ବିଦ୍ୟୁତ ସେବା ସ୍ୱଭାବିକ କରିବା ପାଇଁ ପ୍ରୟାସ ଜାରୀରହିଛି ।

## ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ବୈଠକ ୫ ରୁ ୭ ନଭେମ୍ବର ପର୍ଯ୍ୟନ୍ତ ଭୁଜରେ ହେବ ଅନୁଷ୍ଠିତ

ନୂଆଦିଲ୍ଲୀ, (ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଗଠନର ପ୍ରତିବର୍ଷ ହେଉଥିବା ବାର୍ଷିକ ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ବୈଠକ ଏଥର ୦୫ ରୁ ୦୭ ନଭେମ୍ବର ମଧ୍ୟରେ ଗୁଜୁରାଟର କଛ ଜିଲ୍ଲାର ଭୁଜରେ ଅନୁଷ୍ଠିତ ହେବ। ଏଥର ଏହି ବୈଠକରେ ଆସନ୍ତା ୨୦୨୪ ଜାନୁଆରୀ ୨୨ ରେ ଅଯୋଧ୍ୟାରେ ଆୟୋଜିତ ହେବାକୁ ଥିବା ଶ୍ରୀ ରାମ ଜନ୍ମଭୂମି ମନ୍ଦିର ପ୍ରତିଷ୍ଠା ସମାରୋହ ଏବଂ ସମଗ୍ର ଦେଶରେ ଏହା ସହ ଜଡିତ ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରାଯିବ ।ସଂଘର ଜାତୀୟ ପ୍ରଚାର ମୁଖ୍ୟ ସୁନୀଲ ଆମ୍ବେକର ଗୁରୁବାର କହିଛନ୍ତି ଯେ ଏହି ବୈଠକରେ ଯୋଜନାନୁସାରେ ୪୫ ପ୍ରାନ୍ତରୁ ପ୍ରାଦେଶିକ ସଂଘଚାଳକ , କାର୍ଯ୍ୟବାହୀ ଏବଂ ପ୍ରାନ୍ତ ପ୍ରଚାରକ ଏବଂ ସେମାନଙ୍କ ସହ ସହ-ସଂଘଚାଳକ ଏବଂ ସହ-ପ୍ରାଦେଶିକ ପ୍ରାଚରକ ତଥା କିଛି ସଂଗଠନର ବଛା ବଛା ସଂଗଠନ ସମ୍ପାଦକ ଉପସ୍ଥିତ ରହିବେ । ଏହି ସଭାରେ ସରସଂଘଚାଳକ ଡକ୍ଟର ମୋହନ ଭଗବତ, ସରକାର୍ଯ୍ୟବାହୀ ଦତାତ୍ରେୟ ହୋସବାଲେ ଏବଂ ସମସ୍ତ ଅଖୀଳ ଭାରତୀୟ ଅଧିକାରୀମାନେ ଯୋଗଦେବେ। ଏହା ବ୍ୟତୀତ କେତେକ ବିବିଧ ସଂଗଠନର ମନୋନୀତ ସଂଗଠନ ମନ୍ତ୍ରୀମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିବେ।

# ଜଳ ଅଭାବରୁ ଚ଼ାଷଜମି ମରୁଡି ଚ଼ାଷୀ ହତାଶ ବନ ବିଭାଗ ନିରବ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ଇଲାକାଧିନ ଚ଼ଢେଇମରା, ରାଇଝୋଳ, ପ୍ରଭୃତି ଅଞ୍ଚଳ ରେ ହେକ୍ଟର ହେକ୍ଟର ଜମି ରେ ପନିପରିବା କୁ ବାରହା ଙ୍କ ନଜର ଲାଗିରହିଥିବା ବେଳେ ଦିନ ରାତ୍ର ନିର୍ଭିକତା ର ସହ ବାରହା ମାନେ ଚ଼ାଷୀ ଅମଳ କରିଥିବା ବାଡ଼ ଫସଲ ନୈନିକ ଖାଇଚ଼ାଲିଛନ୍ତି କ୍ଷ ବାରହା ମାନଙ୍କୁ ଅଡାଇବା ପାଇଁ ଚ଼ାଷୀ ଗଲେ ମଧ୍ୟ ପରିବା ଖାଇଚ଼ାଲୁଛନ୍ତି ଭୟ ଦେଖାଇଲେ କାମୁଡିବା ପାଇଁ ପଛାଉନାହାନ୍ତି ବାରହା ଦଳ କ୍ଷ ଏଥିପାଇଁ ଚ଼ାଷୀ ଭୟଭିତ ଅବସ୍ଥା ରହିଥିବା ଅଭିଯୋଗ କରିଛନ୍ତି କ୍ଷ ପରିବା ତୋଳିବା ପାଇଁ ଗଲେ ବାରହା ଆତଙ୍କ ଦୃଷ୍ଟିକୁ ନେଇ ଜଣକ ସ୍ଥାନ ରେ ପରିବାର ଅନ୍ୟ ସଦସ୍ୟ ଙ୍କୁ ନେବା କୁ ବାଧ ହେବା କୁ ପଡୁଅଛି ବୋଲି ଚ଼ାଷୀ ମତପ୍ରକାଶ କରିଛନ୍ତି କ୍ଷ ପୂର୍ବରୁ ମାଙ୍କଡ଼ ଆତଙ୍କ ଦେଖାଦେଇ ବହୁ ଲୋକଙ୍କୁ ହନୁ ମାଙ୍କଡ଼ କାମୁଡିଥିଲା ମାଙ୍କଡ଼ କାମୁଡା ରେ ବହୁ ଲୋକ ଆଘାତ ହୋଇଥିଲେ ବନ ବିଭାଗ ଆସି କୌଣସି ପ୍ରତିକାର କରିନଥିବା ଗ୍ରାମବାସି ଅଭିଯୋଗ କରିଛନ୍ତି ବର୍ତ୍ତମାନ ବାରହା ଆତଙ୍କ କୁ ନେଇ ଜିଲ୍ଲା ବନ



ଅଧିକାରୀ ଙ୍କୁ ପଚ଼ାରି ବୁଝିବା ରୁ ବାରହା ପରିବା ଖାଇଲେ ତାହାର କୌଣସି ବିକଳ୍ପ ନାହିଁ ରାଜ୍ୟ ସରକାର ଙ୍କ ଅନୁକମ୍ପା ପୋର୍ଟାଲ ରେ ଆବେଦନ କଲେ ତଦନ୍ତ କରାଯାଇ ସହାୟତା ଦିଆଯିବ ବୋଲି ମତ ପ୍ରକାଶ କରିଛନ୍ତି । ଅନ୍ୟପଟେ ବାରହା କାମୁଡା ରେ କେତେବେଳେ କେଉଁ ଚ଼ାଷୀଙ୍କ ଅଘଟଣ ଘଟିବ ତାହା କୁ ନେଇ ଭୟ ରେ ଚ଼ାଷୀ । ସେହିପରି କୁକୁଡାଖଣ୍ଡି ସମେତ ଦିଗପହଣ୍ଡି ଅଞ୍ଚଳ ରେ ଖରିପରତୁ ରେ ଧାନଚ଼ାଷ ମଧ୍ୟ ଚ଼ାଷୀ ଙ୍କ ମେରୁଦଣ୍ଡ ଭାଙ୍ଗିଛି ବର୍ଷା ଅଭାବ ରୁ ମରୁଡି ପାଲଟିଛି କ୍ଷେତ ଜମି କ୍ଷ ଲାଗିଥିବା ଧାନ ଗଛ ରେ ଫଳ ଆସିବା ପୂର୍ବରୁ ଜଳ ର ଘୋର ଅଭାବ କାରଣ ରୁ କୁକୁଡାଖଣ୍ଡି ବ୍ଲକ ର ପ୍ରାୟ ସମସ୍ତ ଗ୍ରାମର ଜମିଗୁଡିକ ଜଳ ଶୂନ୍ୟ ଯୋଗୁଁ ମରୁଡି ପରିସ୍ଥିତି ଦେଖାଦେଇଛି କ୍ଷ ଚ଼ାଷୀ ମାନେ ଋଣ କିପରି ପରିଷଦ କରିବେ ତାହା କୁ ନେଇ ଚ଼ିନ୍ତାପ୍ରକଟ କରିଛନ୍ତି କ୍ଷ ଏନେଇ ବହୁ ଚ଼ାଷୀ କୁକୁଡାଖଣ୍ଡି ଅଞ୍ଚଳ ରେ ଦେଖା ଦେଇଥିବା ଚ଼ାଷ ଜମି ଆଁ କରି ମାଟି ରହିଥିବା ଦେଖି ତଦନ୍ତ କରି ଉକ୍ତ ଅଞ୍ଚଳ କୁ ତହସିଲଦାର ଙ୍କୁ ମରୁଡି ଘୋଷଣା କରିବା ନିମନ୍ତେ ଦାବି କରିଛନ୍ତ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray